DHARITRI

ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୮/୨୦୧୯ (୨୦ ପୃଷ୍ଠା) | Bhubaneswar, Sunday, September 8/2019 (ଛୁଟିଦିନ ସହ) | ★★★★

୪୫ଶ ଭାଗ ୨୮୪ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୫/-



ଧରିତ୍ରୀର ପ୍ରାଣ ପ୍ରତିଷ୍ଠାତା ତଥା ପୂର୍ବତନ ସମ୍ପାଦକ ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ ଅବସରରେ ଧରିତ୍ରୀ ପରିବାର ପକ୍ଷରୁ ବିନମ୍ର ପ୍ରଣତି।

**ଆପଣଙ୍କ ଏହି କପି ସହିତ ପାଇବେ ଛୁଟିଦିନ**




**ହକର ଭାଇଙ୍କଠାରୁ ମାଗି ନିଅନ୍ତୁ**

**ଆଜିର ସମ୍ପାଦକୀୟ**

## ବହୁ-ଗ୍ରହୀୟ ଜୀବନ

**ଆଜିର ମନ୍ତବ୍ୟ**

"ଆଗାମୀ ୧୪ ଦିନ ମଧ୍ୟରେ ଲ୍ୟାଣ୍ଡର ସହ ଯୋଗାଯୋଗ ଲାଗି ପ୍ରୟାସ ଜାରି ରହିବା।

–କେ. ଶିବନ୍, ଇସ୍ରୋ ଅଧ୍ୟକ୍ଷ

■ ଦଶଗୁଣା ଜରିମାନାକୁ ନେଇ ତାତିଲେ ଲୋକେ

# ପୋଲିସ-ଜନତା ଖଣ୍ଡଯୁଦ୍ଧ

## ରାଜମହଲ ରଣକ୍ଷେତ୍ର

- ବଡ଼ବଡ଼ିଆଙ୍କ ଗାଡ଼ି ଛାଡ଼ି ଆମ୍ବୁଲାନ୍ସ ଅଟକାଇ ଜରିମାନା ନେଉଥିଲେ
- ଥାନା ଗାଡ଼ି କାଗଜପତ୍ର ଦେଖାଇଲେନି, ମଦ୍ୟପ ଡ୍ରାଇଭରଙ୍କୁ ଛାଡ଼ିଦେଲେ
- ପିସିଆର୍ ଭ୍ୟାନ୍‌ରୁ ବିୟର କେନ୍ ବାହାରିବା ପରେ ବଢ଼ିଲା ଉତ୍ତେଜନା
- ପୋଲିସକୁ ଆକ୍ରମଣ, ଲାଠି ଚାର୍ଜ ପରେ ପଥର, ବୋତଲ ମାଡ଼
- ୫ ପୋଲିସ ସମେତ ୧୦ ଆହତ, ୫ ଅଟକ

ଭୁବନେଶ୍ୱର,୭।୯(ବ୍ୟୁରୋ)

ନୂଆ ମୋଟର ଯାନ ଆଇନ ଲାଗୁହେବା ପରେ ପୋଲିସ ଏବଂ ଆରଟିଓ ଯାଞ୍ଚକୁ କଡ଼ାକଡ଼ି କରିଛି। ୧୦ଗୁଣା ଅଧିକ ଜରିମାନାକୁ ନେଇ ଲୋକେ ଅତିଷ୍ଠ ହୋଇପଡିଥିବାବେଳେ ଯାଞ୍ଚ ସମୟରେ ଜୁଲମ୍‌ର ଫଳ ଶନିବାର ରାଜଧାନୀ ଭୁବନେଶ୍ୱରରେ ଦେଖିବାକୁ ମିଳିଛି। ଆମ୍ବୁଲାନ୍ସକୁ ଅଟକାଇ ଜରିମାନା ଆଦାୟ କରିଥିବା ପୋଲିସ ନିଜ ଭ୍ୟାନ୍‌ର କାଗଜପତ୍ର ଦେଖାଇ ନ ପାରିବାରୁ ପ୍ରବଳ ଉତ୍ତେଜନା ଦେଖାଦେଇଥିଲା। ପୋଲିସ-ଜନତା ମୁହାଁମୁହିଁ ହେବା ସହ ୫ ଘଣ୍ଟା ଧରି ରାଜମହଲ ଛକ ରଣକ୍ଷେତ୍ର ପାଲଟିଥିଲା। ଉତ୍ୟକ୍ତ ଲୋକେ ପୋଲିସକୁ ଆକ୍ରମଣ କରିବା ସହ ଟେକାପଥର ମାଡ଼ କରିଥିବାବେଳେ ପୋଲିସ ଲାଠି ଚାର୍ଜ କରିଥିଲା। ଏଥିରେ ୫ ଜଣ ପୋଲିସ, ୩ ଖବରଦାତା ଓ ୨ ସାଧାରଣ ଲୋକ ଆହତ ହୋଇଛନ୍ତି। ଜରିମାନାକୁ ନେଇ ପ୍ରଥମଥର ପାଇଁ ଏଭଳି ଖଣ୍ଡଯୁଦ୍ଧ ହୋଇଥିବାବେଳେ ଏହା ଏବେ ଦେଶବ୍ୟାପୀ ଆଲୋଡ଼ନ ସୃଷ୍ଟି କରିଛି।

ଅପରାହ୍ଣ ପ୍ରାୟ ୧୨ଟା ୪୫ ହେବ। ରାଜମହଲ ଛକରେ କ୍ୟାପିଟାଲ ଥାନା ପୋଲିସ ପକ୍ଷରୁ ଗାଡ଼ି ଯାଞ୍ଚ ଚାଲିଥିଲା। ଏହି ସମୟରେ ଏକ ଘରୋଇ ଆମ୍ବୁଲାନ୍ସ ମୃତଦେହ ନେଇ ରାଜମହଲରୁ ଶିଶୁ ଭବନ ଅଭିମୁଖେ ଯାଉଥିଲା। ଡ୍ରାଇଭର ସିଟ୍ ବେଲ୍ଟ ପିନ୍ଧି ନ ଥିବାରୁ ପୋଲିସ ଅଟକାଇଥିଲା। ବ୍ୟସ୍ତତା ମଧ୍ୟରେ ସିଟ୍ ବେଲ୍ଟ ବାନ୍ଧିବାକୁ ମନ ନ ଥିବା ଡ୍ରାଇଭର ଜଣକ କହିବା ସହ ଛାଡ଼ି ଦେବାକୁ କାକୁତି ମିନତି ହୋଇଥିଲେ। କିନ୍ତୁ ପୋଲିସ କିଛି ନ ଶୁଣି ତାଙ୍କଠାରୁ ୧୦୦୦ଟଙ୍କା ଜରିମାନା କାଟିଥିଲେ। ହେଲେ ଏହି ସମୟରେ ସେହିବାଟ ଦେଇ ଯାଉଥିବା ଏକ ବିଏମ୍‌ଡବ୍ଲ୍ୟୁ ଗାଡ଼ି ଓ ବିଏମ୍‌ସିର ଅଳିଆବୁହା ଗାଡ଼ିକୁ ପୋଲିସ ଛାଡ଼ି ଦେଉଥିବା ଦେଖି ପ୍ରଥମେ ଶିଶୁପାଳଗଡ଼ର ରାଜେଶ ସାହୁ ପ୍ରତିବାଦ କରିଥିଲେ। ଇତିମଧ୍ୟରେ ଜଣେ ମହିଳା ଖବରଦାତା ସିଟ୍ ବେଲ୍ଟ ପିନ୍ଧି ନ ଥିବାରୁ ତାଙ୍କୁ ମଧ୍ୟ ପୋଲିସ ଅଟକାଇ କାଗଜପତ୍ର ମାଗିଥିଲେ। କିନ୍ତୁ ସେ ନିଜ ଗାଡ଼ିର କାଗଜପତ୍ର ଦେଖାଇବା ପୂର୍ବରୁ ପୋଲିସ ଭ୍ୟାନ୍‌ର କାଗଜପତ୍ର ମାଗିଥିଲେ। ଏହାକୁ ଲୋକେ ସମର୍ଥନ ଜଣାଇ କାଗଜପତ୍ର ଦେଖାଇବାକୁ ଜିଦ୍ ଧରିବାରୁ ପୋଲିସ ଅଡୁଆରେ ପଡିଯାଇଥିଲା। ସେପଟେ ଆଉ କିଛି ଲୋକ ବିଏମ୍‌ସି ଟ୍ରକ୍‌କୁ ରାସ୍ତା ମଝିରେ ଅଟକାଇଥିଲେ। ଡ୍ରାଇଭର ଜଣକ ମଦ ପିଇଥିବାବେଳେ ଗାଡ଼ିର ପରମିଟ ଓ ପଲ୍ୟୁଶନ ସାର୍ଟିଫିକେଟ ନ ଥିବା ଜଣାପଡିଥିଲା। ଲୋକେ ପୋଲିସକୁ ଏହାର ଉତ୍ତର ମାଗିଥିଲେ। ଡିଏଲ୍, ପଲ୍ୟୁଶନ ସାର୍ଟିଫିକେଟ, ଇନ୍‌ସ୍ୟୁରାନ୍ସ ଓ ଅନ୍ୟ କାଗଜପତ୍ର ତୁରନ୍ତ ଦେଖାଅ ଦାବି କରି ହୋହଲ୍ଲା କରିଥିଲେ। ଏଥିସହ ଉକ୍ତ ଟ୍ରକ୍‌ରୁ ଜରିମାନା ଆଦାୟ କରିବାକୁ ପୋଲିସକୁ କହିଥିଲେ। ମାତ୍ର ପୋଲିସ ☞ ପୃଷ୍ଠା–୪



ଲୋକଙ୍କୁ ଗୋଡ଼ାଇ ପିଟୁଛି ପୋଲିସ। (ଫଟୋ ଫିଚର ପୃଷ୍ଠା–୧୩)




# ଗ୍ରାହକଙ୍କୁ ମନ୍ତ୍ରମୁଗ୍ଧ କରିଛି ଲାଲ୍‌ଚାନ୍ଦ୍‌ର ଫ୍ଲାଗ୍‌ସିପ୍ ସୋରୁମ୍

# ଆଜି ରିହାତି ଅଫରର ଶେଷ ଦିନ

ଲାଲ୍‌ଚାନ୍ଦ୍‌ର ଫ୍ଲାଗସିପ୍ ସୋରୁମ୍ ଗ୍ରାହକମାନଙ୍କୁ ମନ୍ତ୍ରମୁଗ୍ଧ କରିଛି। ବିଶ୍ୱସ୍ତରୀୟ ଅଳଙ୍କାର ଡିଜାଇନ୍ ଓ ଆକର୍ଷଣୀୟ ରିହାତି ଅଫରର ସୁଯୋଗ ନେବା ପାଇଁ ସଭିଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି। ଲାଲ୍‌ଚାନ୍ଦ୍ ଜୁଏଲର୍ସ ସର୍ବଦା ଗ୍ରାହକମାନଙ୍କୁ ବିଶୁଦ୍ଧ ଅଳଙ୍କାର ସୁଲଭ ମୂଲ୍ୟରେ ଯୋଗାଇଦେବା ପାଇଁ ପ୍ରତିଶ୍ରୁତିବଦ୍ଧ। ଲାଲ୍‌ଚାନ୍ଦ୍ ଦୀର୍ଘ ଦଶନ୍ଧି ଧରି ନିଜର ପ୍ରତିଶ୍ରୁତି ବଜାୟ ରଖିଛନ୍ତି। ଗତ ୨ ତାରିଖ ଠାରୁ ୪ ତାରିଖ ବିଶେଷ ରିହାତି ଅଫର ଘୋଷଣା କରାଯାଇଥିଲା। କିନ୍ତୁ ଗ୍ରାହକମାନଙ୍କ ଆଗ୍ରହକୁ ଦୃଷ୍ଟିରେ ରଖି ଏହି ଅଫରର ସମୟସୀମା ୮ ତାରିଖ ପର୍ଯ୍ୟନ୍ତ ବଢ଼ାଇ ଦିଆଯାଇଥିଲା। ଆଜି ହେଉଛି ରିହାତି ଅଫର ଗୁଡ଼ିକର ସୁଯୋଗ ନେବା ପାଇଁ ଶେଷ ଦିନ।

ରିହାତି ଅଫର ଗୁଡ଼ିକ ମଧ୍ୟରେ ରହିଛି - ''ସୁନା ଅଳଙ୍କାରର ଗଢା ମଜୁରୀ ଗ୍ରାମ୍ ପ୍ରତି ଫ୍ଲାଟ୍ ୨୯୯ ଟଙ୍କା, ହୀରା ଅଳଙ୍କାର ଓ ବ୍ରାଣ୍ଡେଡ୍ ହାତଘଣ୍ଟା ଉପରେ ଫ୍ଲାଟ୍ ୨୦% ରିହାତି, ରୂପା ଅଳଙ୍କାର ଗଢ଼ା ମଜୁରୀରେ ୫୦ ପ୍ରତିଶତ ରିହାତି, ଫ୍ୟାଶନ୍ ଜୁଏଲାରୀ ଉପରେ ୩୦ ପ୍ରତିଶତ ରିହାତି ଓ ଲାଇଫଷ୍ଟାଇଲ୍ ଆଇଟମ୍ ଉପରେ ୧୦ ପ୍ରତିଶତ ରିହାତି। ତା' ସହିତ ୨୫ ହଜାର ଟଙ୍କାରୁ ଅଧିକ ମୂଲ୍ୟର ରୂପାବାସନ କ୍ରୟ କଲେ ଏକ ସ୍ୱର୍ଣ୍ଣମୁଦ୍ରା ମାଗଣା।ଏହି ଅଫର କେବଳ ଲାଲ୍‌ଚାନ୍ଦ୍‌ର ରଘୁନାଥପୁର ସୋରୁମ୍‌ରେ ଉପଲବ୍ଧ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ହଜାର ହଜାର ଗ୍ରାହକଙ୍କ ଉପସ୍ଥିତିରେ ବଲିଉଡ୍ ଷ୍ଟାଇଲ୍ ଆଇକନ୍ ସୋନମ୍ କାପୁର୍ ଆହୂଜା ଗତ ୨ ତାରିଖରେ ରିବନ କାଟି ଏହି ସୋରୁମ୍ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ସମାରୋହରେ ଲାଲ୍‌ଚାନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ତଥା ଫାଉଣ୍ଡର୍ ଚେୟାରମ୍ୟାନ୍ ଶ୍ରୀଯୁକ୍ତ ସଂଜୟ ହଂସ, ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ଅନଭିତା ହଂସ ଏବଂ ଦୀର୍ଘ ସମୟ ଧରି ଲାଲ୍‌ଚାନ୍ଦ୍ ଜୁଏଲର୍ସର ବ୍ରାଣ୍ଡ୍ ଆମ୍ବାସଡର୍ ରହିଥିବା ତଥା ଓଲିଉଡ୍ ଜଗତର କୁଇନ୍ ଶ୍ରୀମତୀ ବର୍ଷା ପ୍ରିୟଦର୍ଶିନୀ ପ୍ରମୁଖ ଉପସ୍ଥିତ ଥିଲେ।






ଉଦ୍‌ଘାଟନୀ ସମାରୋହରେ ଯୋଗଦେଇ ସୋନମ କପୁର କହିଥିଲେ - ''ମୁଁ ସର୍ବଦା ଓଡିଶାରେ ଥିବା ମନ୍ଦିର, ସ୍ଥାପତ୍ୟ, ଓଡିଶୀ ନୃତ୍ୟ ଦେଖିବା ପାଇଁ ଓଡିଶା ପରିଭ୍ରମଣ କରିବାକୁ ଚାହୁଁଥିଲି ଏବଂ ଲାଲ୍‌ଚାନ୍ଦ୍ ଆଜି ମତେ ସେହି ସୁଯୋଗ ପ୍ରଦାନ କରିଛି। ମୁଁ ଅନେକ ଅଳଙ୍କାର ସୋରୁମ୍ ଦେଖିଛି, ମାତ୍ର ଏଭଳି ସୋ'ରୁମ୍ କେଉଁଠି ଦେଖିନଥିଲି। ଏଠାକାର ଅଳଙ୍କାରର କାରିଗରୀ ବିଶ୍ୱସ୍ତରୀୟ।''

ଯାହାଙ୍କ ଯୋଗୁଁ ଲାଲ୍‌ଚାନ୍ଦ୍ ମାତ୍ର ଦୁଇ ଦଶନ୍ଧି ମଧ୍ୟରେ ସଫଳତାର ଏକ ନୂତନ ଶିଖର ସ୍ପର୍ଶ କରିପାରିଛି, ସେ ହେଉଛନ୍ତି, ଲାଲ୍‌ଚାନ୍ଦ୍‌ର ପ୍ରତିଷ୍ଠାତା ଶ୍ରୀଯୁକ୍ତ ସଂଜୟ ହଂସ। ଗଣମାଧ୍ୟମକୁ ସମ୍ବୋଧିତ କରିବା ଅବସରରେ ସେ କହିଥିଲେ - ''ଗ୍ରାହକମାନଙ୍କର ଆମ ପ୍ରତି ଆସ୍ଥା ଓ ବିଶ୍ୱାସଯୋଗୁଁ ଆମେ ଆଜି ଏହି ସ୍ଥାନରେ ପହଂଚି ପାରିଛୁ। ସେଥିପାଇଁ ମୁଁ ସମସ୍ତ ଗ୍ରାହକ ବନ୍ଧୁଙ୍କୁ ଧନ୍ୟବାଦ ଜଣାଉଛି। ଲାଲ୍‌ଚାନ୍ଦ୍ ପ୍ରତି ସେମାନଙ୍କର ଅତୁଟ ବିଶ୍ୱାସ ହିଁ ଆମକୁ ଆଗକୁ ବଢ଼ିବା ପାଇଁ ସାହସ ଯୋଗାଇଛି।"

ଲାଲ୍‌ଚାନ୍ଦ୍ ଜୁଏଲର୍ସର ନିର୍ଦ୍ଦେଶକ ଶ୍ରୀଯୁକ୍ତ କିଷନ୍ ଲାଲ୍ ଗୁପ୍ତା କହିଥିଲେ - ''ଗଣେଶ ଚତୁର୍ଥୀ ପରି ପବିତ୍ର ଦିନରେ ବଲିଉଡ୍ ଷ୍ଟାଇଲ୍ ଆଇକନ୍ ସୋନମ କପୁର ଆହୁଜା ଏବଂ ଲାଲ୍‌ଚାନ୍ଦ୍ ଜୁଏଲର୍ସର ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଶ୍ରୀଯୁକ୍ତ ସଂଜୟ ହଂସଙ୍କ ଉପସ୍ଥିତିରେ ଏହି ବୃହତ୍ ସୋ ରୁମ୍ ଉଦ୍‌ଘାଟିତ ହେବା ନିଶ୍ଚିତ ଭାବେ ଏକ ଗର୍ବର କଥା। ୩୦ହଜାର ବର୍ଗଫୁଟ ପରିମିତ ଚାରି ମହଲା ବିଶିଷ୍ଟ ଏହି ସୋ ରୁମ୍ ଉକ୍ତ ଅଞ୍ଚଳ ପାଇଁ ଏକ ନୂତନ ପରିଚୟ ସୃଷ୍ଟି କରିଛି''।

ଆକର୍ଷଣୀୟ ଅଫରଗୁଡିକ ନିମନ୍ତେ ଆଜି ହିଁ ଶେଷ ଦିନ ଥିବାରୁ ଗ୍ରାହକମାନଙ୍କୁ ନନ୍ଦନକାନନ ରୋଡ୍ ସ୍ଥିତ ସୋରୁମ୍ ପରିଦର୍ଶନ କରି ଏହି ଅଫରର ସୁଯୋଗ ନେବା ପାଇଁ ଲାଲ୍‌ଚାନ୍ଦ୍ ଜୁଏଲର୍ସ ତରଫରୁ ଅନୁରୋଧ କରାଯାଇଛି।




ଉଦ୍‌ଘାଟନୀ ଉତ୍ସବ ଅବସରରେ ଲାଲ୍‌ଚାନ୍ଦ୍ ଜୁଏଲର୍ସର ଫାଉଣ୍ଡର ଚେୟାରମ୍ୟାନ୍ ଶ୍ରୀଯୁକ୍ତ ସଂଜୟ ହଂସ ଓ ବଲିଉଡ୍ ଅଭିନେତ୍ରୀ ସୋନମ କାପୁର ଆହୁଜା




LALCHND

Odisha's Most Trusted Jeweller

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ମନୋଜ
ପରିବାରବର୍ଗ


ଶୁଭ୍ରାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।




# ଶଙ୍କରାଚାର୍ଯ୍ୟଙ୍କୁ ଭେଟିଲେ ଆମିକସ୍ କ୍ୟୁରି

**କିଛି ତଥ୍ୟ**

ଚଳିତ ବର୍ଷ ଅଗଷ୍ଟ ମାସରେ ଦେଶରୁ ୯୮,୮୭୧ ଟନ୍ ସୋୟାବିନ ରପ୍ତାନି ହୋଇଛି।

**– ସଲ୍‌ଭେଣ୍ଟ ଏସ୍‌ଟ୍ରାକ୍ଟର ଆସୋସିଏଶନ ଅଫ୍ ଇଣ୍ଡିଆ**

**ପୁରୀ ଅଫିସ, ୭।୯**

ଆମିକସ୍ କ୍ୟୁରି ରଞ୍ଜିତ କୁମାର ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ଶନିବାର ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଶ୍ରୀମନ୍ଦିର ପରମ୍ପରା, ସଂସ୍କୃତି, ପରିଚାଳନା ଆଦି ବିଭିନ୍ନ ପ୍ରସଙ୍ଗରେ ୪୦ ପୃଷ୍ଠାର ପରାମର୍ଶପତ୍ର ଆମିକସ୍ କ୍ୟୁରିଙ୍କୁ ପ୍ରଦାନ କରିଛନ୍ତି।

ଆମିକସ୍ କ୍ୟୁରିଙ୍କ ସହ ପ୍ରାୟ ୪୦ମିନିଟ୍ ଧରି ଅନୁଷ୍ଠିତ ରୁଦ୍ଧଦ୍ୱାର ଆଲୋଚନା ପରେ ଶଙ୍କରାଚାର୍ଯ୍ୟ କହିଛନ୍ତି, ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଆଦି ଶଙ୍କରାଚାର୍ଯ୍ୟ ପୁନଃ ପ୍ରତିଷ୍ଠା କରିଥିଲେ। ଶ୍ରୀମନ୍ଦିର ଓ ପୁରୁଷୋତ୍ତମ କ୍ଷେତ୍ରର ପରିଚାଳନା ଦାୟିତ୍ୱ ଗୋବର୍ଦ୍ଧନ ମଠର ଶଙ୍କରାଚାର୍ଯ୍ୟଙ୍କୁ ଦାୟିତ୍ୱ ଦେଇଥିଲେ। କିନ୍ତୁ ଏବେ ଏଥିରେ ସମ୍ପୂର୍ଣ୍ଣ ବ୍ୟତିକ୍ରମ କରାଯାଇଛି। ସୁପ୍ରିମ୍‌କୋର୍ଟ ମଧ୍ୟ କୌଣସି

## ୪୦ ପୃଷ୍ଠାର ପରାମର୍ଶପତ୍ର ଦେଲେ ଜଗଦ୍‌ଗୁରୁ

ସେକୁଲାର ତନ୍ତ୍ର ଧର୍ମପୀଠ ଉପରେ ହସ୍ତକ୍ଷେପ କରିପାରିବେ ନାହିଁ ବୋଲି କହିଛନ୍ତି। ଶ୍ରୀମନ୍ଦିରର ପରିଚାଳନା ଆଧ୍ୟାତ୍ମିକ ଓ ଧାର୍ମିକ ବିଚାରଧାରାରେ ହେବା ଉଚିତ। ଶ୍ରୀମନ୍ଦିରର ସଂସ୍କାର ଲାଗି ବି.ପି. ଦାସ କମିଶନ ପ୍ରସ୍ତୁତ କରିଥିବା ରିପୋର୍ଟରେ ଶଙ୍କରାଚାର୍ଯ୍ୟଙ୍କ ମତ ନେଇନାହାନ୍ତି। ଶ୍ରୀମନ୍ଦିରର କୌଣସି ଲିଖିତ ସମ୍ବିଧାନ ନାହିଁ। ସମ୍ବିଧାନ ବିହୀନ ମନ୍ଦିରର ବିକାଶ କଥା କିପରି ଉଠୁଛି। ସ୍କନ୍ଦ ଓ ବେଦ ପୁରାଣର ଆଚାର ସଂହିତା ଅନୁଯାୟୀ ଶ୍ରୀମନ୍ଦିର ପରିଚାଳନା କରାଯାଉ। ଏଭଳି ଅନେକ ପ୍ରସଙ୍ଗରେ ଆମିକସ୍ କ୍ୟୁରିଙ୍କ ସହିତ ଆଲୋଚନା ହୋଇଛି। କିନ୍ତୁ ଗୋବର୍ଦ୍ଧନ ମଠର ଜମି ସଂକ୍ରାନ୍ତରେ କୌଣସି ପ୍ରକାର କଥା ହୋଇ ନ ଥିବା ଶଙ୍କରାଚାର୍ଯ୍ୟ ପ୍ରକାଶ କରିଛନ୍ତି।

### ପୁରୀରେ ଉଚ୍ଛେଦର ସ୍ଥିତି ପରଖିଲେ ଆମିକସ୍ କ୍ୟୁରି

# ସରକାରଙ୍କ ନିଷ୍ପତ୍ତି ଠିକ୍, ରୋକାଯିବା ଅନୁଚିତ

**ପୁରୀ ଅଫିସ, ୭।୯**

ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଠିକ୍, ଏଠାରେ ଯେଉଁ ଉଚ୍ଛେଦ ଚାଲିଛି ସମସ୍ତଙ୍କ ଭଲ ପାଇଁ କରାଯାଉଛି। ଏହାକୁ ରୋକାଯିବା ଅନୁଚିତ। ସରକାର ଉତ୍ତମ ପରିକଳ୍ପନା କରିଛନ୍ତି। ସମସ୍ତେ ଏଥିରେ ସହଯୋଗ କରନ୍ତୁ ବୋଲି କହିଛନ୍ତି ଆମିକସ୍ କ୍ୟୁରି ରଞ୍ଜିତ କୁମାର। ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ଉଚ୍ଛେଦ ଓ ଏହାକୁ ନେଇ ସୃଷ୍ଟି ହୋଇଥିବା ଅସନ୍ତୋଷର ବାସ୍ତବ ସ୍ଥିତି ପରଖିବାକୁ ପୁରୀ ଆସିଥିବା ଆମିକସ୍ କ୍ୟୁରି ଶନିବାର ଗଣମାଧ୍ୟମ ଆଗରେ ଏଭଳି ମନ୍ତବ୍ୟ ରଖିଛନ୍ତି।

ଆମିକସ୍ କ୍ୟୁରି କହିଛନ୍ତି, ରାଜ୍ୟ ସରକାର ପୁରୀକୁ ବିଶ୍ୱ ଐତିହ୍ୟ ନଗରୀ ଭାବେ ଗଢିବା ପାଇଁ ଯେଉଁ କାମ କରୁଛନ୍ତି ତାହା ଠିକ୍ ହେଉଛି ନା ଲୋକଙ୍କୁ ଅସୁବିଧାରେ ପକାଉଛି ତାହା ଅନୁଧ୍ୟାନ କରିବାକୁ ସୁପ୍ରିମ୍‌କୋର୍ଟଙ୍କ ନିର୍ଦ୍ଦେଶ ଅନୁସାରେ ଆସିଥିଲୁ। ଶ୍ରୀମନ୍ଦିର ପରିଚାଳନା କମିଟି ସହ ଆଲୋଚନା କରିବା ସହ ନିଜେ ଜାଗା ବୁଲିଲୁ। ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା ମଧ୍ୟ କଲୁ। ଆସନ୍ତା ବର୍ଷ ମହାପ୍ରଭୁଙ୍କ ନାଗାର୍ଜୁନ ବେଶ ପାଇଁ ପୁରୀରେ ୧୫ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହେବ। ଏହାକୁ ଦୃଷ୍ଟିରେ ରଖି ଉଚିତ ବ୍ୟବସ୍ଥା ହେବା ଦରକାର। କାହାକୁ ଜବରଦସ୍ତ ଉଚ୍ଛେଦ କରାଯାଉନି। ସମସ୍ତଙ୍କ ସହ ଆଲୋଚନା କରି ଉଚ୍ଛେଦ କରାଯାଉଛି। ଏହାଦ୍ୱାରା ସହର ଆହୁରି ସୁନ୍ଦର ଓ ପରିଷ୍କାର ହେବ। ଐତିହ୍ୟ, ସଂସ୍କୃତି ଆଗକୁ ବଢିବ। ପୁରୀକୁ ଅଧିକ ଶ୍ରଦ୍ଧାଳୁ ଆସିବେ। ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ଲାଗି ସରକାର ଯେଉଁ ପରିକଳ୍ପନା କରିଛନ୍ତି ସେଥିପାଇଁ ସମସ୍ତଙ୍କ ସହଯୋଗ ଦରକାର। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହାଦ୍ୱାରା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରଚାର, ପ୍ରସାର ଆହୁରି ସୁଦୂର ପ୍ରସାରୀ ହୋଇପାରିବ ବୋଲି ଆମିକସ୍ କ୍ୟୁରି ପ୍ରକାଶ କରିଛନ୍ତି।

ପ୍ରଥମେ ମହାପ୍ରଭୁଙ୍କୁ ଦର୍ଶନ କରିଥିଲେ ଆମିକସ୍ କ୍ୟୁରି। ସକାଳ ୭ଟା ୧୦ରେ ଆମିକସ୍ କ୍ୟୁରି ରଞ୍ଜିତ କୁମାର ଓ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା ସିଂହଦ୍ୱାର ନିକଟରେ ପହଞ୍ଚିଥିଲେ। ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର, ଜିଲାପାଳ ବଲୱନ୍ତ ସିଂ, କେନ୍ଦ୍ରାଞ୍ଚଳ ଡିଆଇଜି ଆଶିଷ ସିଂ, ଏସ୍‌ପି ଉମାଶଙ୍କର ଦାଶ, ଉପଜିଲାପାଳ ଭବତାରଣ ସାହୁ ପ୍ରମୁଖ ମହାପ୍ରଭୁଙ୍କ ଲାଗି ଖଣ୍ଡୁଆ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସେମାନଙ୍କୁ ସ୍ୱାଗତ କରିଥିଲେ। ସେମାନେ ଶ୍ରୀମନ୍ଦିରକୁ ଯାଇ ଭିତର କାଠ ନିକଟରୁ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିଥିଲେ। ମା’ ବିମଳା, ଲକ୍ଷ୍ମୀ ପ୍ରଭୃତି ଦେବଦେବୀଙ୍କ ମନ୍ଦିର ସମେତ ଆନନ୍ଦବଜାର, ସ୍ନାନବେଦି, କୋଇଲି ବୈକୁଣ୍ଠ, ଉପବନ, ରୋଷଆଡ଼ ଆଦି ବୁଲି ଦେଖିଥିଲେ। ଭିତର ବେଢାରୁ ବାହାର ଚିତ୍ର ଦେଖିଥିଲେ। ଚାହାଣି ମଣ୍ଡପରେ ଏମାର ମଠକୁ ଅନୁଧ୍ୟାନ କରିଥିଲେ। ଜିଲାପାଳଙ୍କ ସମେତ ପ୍ରମୁଖ ପ୍ରଶାସନିକ ଅଧିକାରୀମାନେ ଆମିକସ୍ କ୍ୟୁରି ଏବଂ ସଲିସିଟର ଜେନେରାଲଙ୍କୁ ଏମାର ମଠର ଉଚ୍ଛେଦ ସ୍ଥଳ ଦେଖାଇଥିଲେ। ଆମିକସ୍ କ୍ୟୁରି ପ୍ରାୟ ୧ଘଣ୍ଟା ୧୫ ମିନିଟ୍ ମନ୍ଦିର ଭିତରେ ରହିଥିଲେ।

ଏହାପରେ ଶ୍ରୀନଅରରେ ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ସହ ଆମିକସ କ୍ୟୁରି ଓ ସଲିସିଟର ଜେନେରାଲ ଆଲୋଚନା କରିଥିଲେ। ଏହି ସମୟରେ ଏଜି ଅଶୋକ କୁମାର ପରିଜା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. କ୍ରିଷନ କୁମାର ଉପସ୍ଥିତ ଥିଲେ। ପ୍ରାୟ ୩୫ ମିନିଟ୍ ଧରି ଚାଲିଥିଲା ରୁଦ୍ଧଦ୍ୱାର ବୈଠକ। ଏଥିରେ ଶ୍ରୀମନ୍ଦିର ସୁରକ୍ଷା ଓ ସୌନ୍ଦର୍ଯ୍ୟକରଣ ପାଇଁ ରାଜ୍ୟ ସରକାରଙ୍କ ୭୫ମିଟର ଉଚ୍ଛେଦ ପ୍ରସଙ୍ଗରେ ଆଲୋଚନା ହୋଇଥିବା କୁହାଯାଉଛି। ପରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସେମାନେ ମନ୍ଦିର ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପ୍ରାୟ ୧ଘଣ୍ଟା ଧରି ବୈଠକ ବସିଥିଲା। ଆମିକସ୍ କ୍ୟୁରି ଏବଂ ସଲିସିଟର ଜେନେରାଲଙ୍କୁ ଶ୍ରୀମନ୍ଦିର ସୁରକ୍ଷା, ପୁରୀର ବିକାଶ ଓ କ୍ଷତିଗ୍ରସ୍ତଙ୍କୁ ପ୍ୟାକେଜ ବିଷୟରେ ଅବଗତ କରାଯାଇଥିଲା। କେନ୍ଦ୍ରାଞ୍ଚଳ ଡିଆଇଜି ଶ୍ରୀମନ୍ଦିର ସୁରକ୍ଷା, ରଥଯାତ୍ରା, ସୁନାବେଶ ପ୍ରସଙ୍ଗରେ ତଥ୍ୟ ରଖିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପାୱାର ପ୍ରେଜେଣ୍ଟେଶନ ମାଧ୍ୟମରେ ଶ୍ରୀସେତୁ, ମୃଷାନଈର ପୁନରୁଦ୍ଧାର, ଜଗନ୍ନାଥ ବଲ୍ଲଭ ପରିସରରେ ମାର୍କେଟ କମ୍ପ୍ଲେକ୍ସ ଆଦି ବିଭିନ୍ନ ବିକାଶମୂଳକ ପ୍ରକଳ୍ପକୁ ଦେଖାଇଥିଲେ। ଜିଲାପାଳ ୭୫ମିଟର ମଧ୍ୟରେ କ୍ଷତିଗ୍ରସ୍ତ ହେବାକୁ ଥିବା ମଠ, ମନ୍ଦିର, ବାସଗୃହ, ଏବଂ ବ୍ୟବସାୟିକ ପ୍ରତିଷ୍ଠାନ ସମ୍ପର୍କରେ ସୂଚନା ଦେବା ସହ ରାଜ୍ୟ ସରକାର କ୍ଷତିଗ୍ରସ୍ତଙ୍କ ପାଇଁ ଘୋଷଣା କରିଥିବା ପ୍ୟାକେଜ ଓ ଥଇଥାନ ସମ୍ପର୍କରେ ବୁଝାଇଥିଲେ। ଅନ୍ୟପକ୍ଷେ ବୈଠକ ପରେ ଆମିକସ୍‌କ୍ୟୁରିଙ୍କୁ କ୍ଷତିଗ୍ରସ୍ତ ଓ ବିଭିନ୍ନ ସଙ୍ଗଠନର କର୍ମକର୍ତ୍ତା ଭେଟି ନ ପାରି ମନଦୁଃଖରେ ଫେରିଯାଇଥିଲେ।


ଶ୍ରୀମନ୍ଦିର ଚାହାଣି ମଣ୍ଡପ ନିକଟରୁ ଏମାର ମଠକୁ ଅନୁଧ୍ୟାନ କରୁଛନ୍ତି ଆମିକସ୍ କ୍ୟୁରି ରଞ୍ଜିତ କୁମାର ଏବଂ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା।

- ନାଗାର୍ଜୁନ ବେଶ ପାଇଁ ବ୍ୟବସ୍ଥା ହେବା ଦରକାର
- ଚାହାଣି ମଣ୍ଡପରୁ ଦେଖିଲେ ଏମାର ମଠର ଚିତ୍ର
- ଗଜପତି ମହାରାଜା, ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କଲେ
- ସୁରକ୍ଷା, ବିକାଶ ଓ ପ୍ୟାକେଜ ବିଷୟରେ ବୁଝିଲେ
- ଗୁହାରି ଜଣାଇବାକୁ କ୍ଷତିଗ୍ରସ୍ତଙ୍କୁ ସୁଯୋଗ ମିଳିଲାନି

## ଜିଲା ଟିଠି
## ବଲାଙ୍ଗୀର



# ମରୁଡ଼ି ପରେ ବନ୍ୟା ଚିନ୍ତା

ବଲାଙ୍ଗୀର ଏକ ମରୁଡ଼ିପ୍ରବଣ ଜିଲା ଭାବେ ପରିଚିତ। ସ୍ୱଳ୍ପ ବୃଷ୍ଟିପାତ କାରଣରୁ ଜିଲାରେ କ୍ରମାଗତ ମରୁଡ଼ି ଓ ଜଳସଙ୍କଟ ଏକ ସାଧାରଣ କଥା। ଖରାଦିନରେ ଗାଁ ଓ ସହର ଉତ୍ତପ୍ତ କଡ଼େଇରେ ପରିଣତ ହୋଇଯାଏ। ଲୋକେ ଅସହ୍ୟ କଷ୍ଟ ଭୋଗନ୍ତି। ଟିଟିଲାଗଡ଼ ଓ ବଲାଙ୍ଗୀରର ତାପମାତ୍ରାକୁ କିଏ ନ ଜାଣେ। ଅସ୍ୱାଭାବିକ ବର୍ଷା, ଜଳସଙ୍କଟ ଓ କ୍ରମାଗତ ମରୁଡ଼ି ଜିଲାର ସାମାଜିକ, ଅର୍ଥନୈତିକ ଓ ସାଂସ୍କୃତିକ ଜୀବନକୁ ଗଭୀର ଭାବେ ପ୍ରଭାବିତ କରିଆସିଛି। ଏହି କାରଣରୁ ଜିଲାର ପ୍ରଧାନ ଅବଲମ୍ବନ କୃଷିକ୍ଷେତ୍ର ସବୁଠୁ ଅଧିକ କ୍ଷତିଗ୍ରସ୍ତ ହୋଇଆସିଛି। ସରକାରୀ ତଥ୍ୟ ଅନୁସାରେ ୧୯୭୪ରୁ ୨୦୧୭ ମସିହା ଗତ ୪୩ ବର୍ଷ ମଧ୍ୟରେ ଜିଲାରେ ୧୬ ବର୍ଷ ମରୁଡ଼ି ଓ ୪ ବର୍ଷ ବନ୍ୟା ବିତ୍ପାତ ଦେଖାଦେଇଛି। ବେସରକାରୀ ଆକଳନ ଅନୁସାରେ ଏହି ତଥ୍ୟ ଆହୁରି ସାଂଘାତିକ। ୧୯୬୧ ମସିହାରୁ ଜିଲାରେ ପ୍ରାୟ ପ୍ରତି ଦୁଇବର୍ଷରେ ଥରେ ମରୁଡ଼ି ଦେଖାଯାଉଛି। ଏହା ସହିତ ବନ୍ୟା, ରୋଗପୋକ ଉପଦ୍ରବ ଓ ପ୍ରାକୃତିକ ବିପର୍ଯ୍ୟୟରୁ ଫସଲହାନି ମଧ୍ୟ ଏକ ସାଧାରଣ କଥା ହୋଇଛି। କ୍ରମାଗତ ମରୁଡ଼ି, ବନ୍ୟା ଓ ପ୍ରାକୃତିକ ବିପର୍ଯ୍ୟୟ ଜିଲାର ଦାରିଦ୍ର୍ୟ, ଦାଦନ ସମସ୍ୟା ଓ ଅର୍ଥନୈତିକ ପଛୁଆପଣର ମୁଖ୍ୟ କାରଣ ବୋଲି ଚର୍ଚ୍ଚିତ ହୋଇଆସିଛି। ତେବେ ଜିଲାରେ ମରୁଡ଼ି ଓ ପ୍ରାକୃତିକ ବିପର୍ଯ୍ୟୟର ଏକ ଦୀର୍ଘ ଇତିହାସ ରହିଥିଲେ ମଧ୍ୟ ଜଳସେଚନ ମାତ୍ର ୩ ପ୍ରତିଶତରେ ସୀମିତ ରହିଛି। ଏଭଳି କାହିଁକି ହୋଇଛି ଏହାରି ଉତ୍ତର କାହାରି ପାଖରେ ନାହିଁ। ମରୁଡ଼ି ସମସ୍ୟାରୁ ନିସ୍ତାର ମିଳି ନ ଥିବାବେଳେ ବଲାଙ୍ଗୀର ଜିଲାରେ ଏବେ ଅସ୍ୱାଭାବିକ ବର୍ଷା ଓ ପ୍ରଳୟଙ୍କରୀ ଆକସ୍ମିକ ବନ୍ୟା ଜିଲାବାସୀଙ୍କୁ ଏକ ନୂଆ ଅନୁଭୂତି ଆଣି ଦେଇଛି। ପ୍ରସିଦ୍ଧ ହରିଶଙ୍କର ପୀଠର ସେଲାପଥର ଝରଣାରେ ଅତଡା ଖସିବା ଭିଡିଓ ଭାଇରାଲ ହୋଇଛି। ମଠଖାଇ ପାହାଡରୁ ମାଟି ଅତଡା ଖସିବା ଦେଖାଯାଇଛି। ବିଶେଷକରି ନଦୀବିହୀନ ବଲାଙ୍ଗୀର ସହର ଓ ଆଖପାଖ ଅଞ୍ଚଳରେ ଅଗଷ୍ଟ ୧୨, ୧୩ ଓ ୧୪ ତାରିଖରେ ଅତି ପ୍ରବଳ ବର୍ଷା ଯୋଗୁ ପ୍ରଳୟଙ୍କରୀ ବନ୍ୟା ଦେଖାଯାଇଥିଲା। ଗୋଟିଏ ଦିନରେ କେବଳ ବଲାଙ୍ଗୀରରେ ୫୫୫ ମିଲିମିଟର ବର୍ଷା ରେକର୍ଡ କରାଯାଇଥିଲା। ସୀମିତ ସମୟରେ ଏକ ବୃହତ୍ ଅଞ୍ଚଳରେ ଅତିପ୍ରବଳ ବର୍ଷା କାରଣରୁ ଏଠାରେ ଆକସ୍ମିକ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା। ଏହି ବନ୍ୟାରେ ବଲାଙ୍ଗୀର ସହର ଓ ଆଖପାଖ ବ୍ଲକ୍‌ର ଶତାଧିକ ଗାଁରେ ସାଂଘାତିକ କ୍ଷୟକ୍ଷତି ହୋଇଛି। ସେପ୍ଟେମ୍ବର ମାସର ପ୍ରଥମ ସପ୍ତାହରେ ମଧ୍ୟ ଏଭଳି ଅତିପ୍ରବଳ ବର୍ଷା ଜାରି ରହିଛି। ବଲାଙ୍ଗୀର ଭଳି ମରୁଡ଼ିପ୍ରବଣ ଓ ଅତ୍ୟନ୍ତ ଉତ୍ତପ୍ତ ଜିଲାରେ ଏଭଳି ଅପ୍ରତ୍ୟାଶିତ ବର୍ଷା ଓ ଆକସ୍ମିକ ବନ୍ୟାର କାରଣ ସମ୍ପର୍କରେ ଏଯାଏ ଠୋସ୍ କିଛି କୁହାଯାଇନାହିଁ। କିଛି ତଥ୍ୟାଭିଜ୍ଞ ଲୋକେ ଏହାକୁ ଜଳବାୟୁ ପରିବର୍ତ୍ତନର ସାଂଘାତିକ ରୂପ କହୁଛନ୍ତି। ବନ୍ୟା ପରେ ରାଜସ୍ୱ ମନ୍ତ୍ରୀ, କେନ୍ଦ୍ର ମନ୍ତ୍ରୀ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ, ଜିଲାର ଏମ୍‌ପି ଓ ବିଧାୟକମାନେ ଏକାଧିକ ସମୀକ୍ଷା କରିଛନ୍ତି। ସମୀକ୍ଷା ବୈଠକରେ ୧ ହଜାର କୋଟିର ସହାୟତା ଓ କେନ୍ଦ୍ର ସରକାରଙ୍କଠାରୁ ସ୍ୱତନ୍ତ୍ର ପ୍ୟାକେଜ ଦାବି କରିଛନ୍ତି। ତେବେ ବନ୍ୟା କ୍ଷତିଗ୍ରସ୍ତମାନେ ଠିକ୍ ଭାବେ ରିଲିଫ୍ ଓ ସହାୟତା ପାଇନାହାନ୍ତି। ଅରେଞ୍ଜ ଆଲର୍ଟ ସତ୍ତ୍ୱେ ସରକାର ଆକସ୍ମିକ ବନ୍ୟା ମୁକାବିଲାରେ ଫେଲ୍ ମାରିଛନ୍ତି। ତେବେ ଆକସ୍ମିକ ବନ୍ୟା ପରଠାରୁ ବଲାଙ୍ଗୀରରେ ତୁ ତୁ ମେ ମେ ରାଜନୀତି ଜୋର ଧରିଛି। ବନ୍ୟାର ଅସଲ କାରଣ ଖୋଜି ସରକାରଙ୍କଠାରୁ କ୍ଷତିଗ୍ରସ୍ତଙ୍କ ପାଇଁ ସ୍ୱତନ୍ତ୍ର ସହାୟତା ଆଣିବା, ଜିଲାର ଭିତ୍ତିଭୂମି ସଜାଡିବା ଓ ଭବିଷ୍ୟତ ପାଇଁ ଦୃଢ଼ ପ୍ରତିକାର ବ୍ୟବସ୍ଥା କରିବା ଛାଡି କିଛି ସହରୀ ତୋଷାମଦକାରୀ ଚଷ୍ଟକୁଟା ରାଜନୀତିରେ ମାତିଛନ୍ତି। ସେମାନେ ଜିଲାବାସୀଙ୍କୁ ଭୁଆଁ ବୁଲାଉଛନ୍ତି। ଏଭଳି ତତ୍ତ୍ୱମାନଙ୍କ କାରଣରୁ କ୍ରମାଗତ ମରୁଡ଼ିର ଦୀର୍ଘ ଇତିହାସ ସତ୍ତ୍ୱେ ଜିଲାରେ ଯେଭଳି ସଫଳ ମରୁଡ଼ି ମୁକାବିଲା ହୋଇପାରିନାହିଁ, ଠିକ୍ ସେହିଭଳି ଦଶା ଏବେ ଆକସ୍ମିକ ବନ୍ୟା ପରେ ବି ହେବ ତାହା ଜଳଜଳ ଦେଖାଗଲାଣି।

**– ବୀରେନ୍ଦ୍ର କୁମାର ଝାଙ୍କର**

# କ୍ଷୁଦ୍ର ଶିଳ୍ପୋଦ୍ୟୋଗୀଙ୍କ ପାଇଁ ଭାରତ ମସଲା ପ୍ରେରଣାର ଉତ୍ସ

**ନରାଜ, ୭।୯ (ଡି.ଏନ୍.ଏ.)**

ରାଜ୍ୟର କ୍ଷୁଦ୍ର ଶିଳ୍ପୋଦ୍ୟୋଗୀମାନଙ୍କ ପାଇଁ ଭାରତ ମସଲା ଶିଳ୍ପ ସଂସ୍ଥା ପ୍ରେରଣାର ଉତ୍ସ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ପ୍ରକାଶ କରିଛନ୍ତି। ବାରଙ୍ଗ ବ୍ଲକ ଅନ୍ତର୍ଗତ ରାମଦାସପୁରଠାରେ ପ୍ରତିଷ୍ଠିତ ଅତ୍ୟାଧୁନିକ କାରିଗରି କୌଶଳ ଓ ପ୍ରଦୂଷଣମୁକ୍ତ ପଦ୍ଧତିରେ ନିର୍ମିତ ଭାରତ ମସଲାର ନୂତନ କାରଖାନାରୁ ବ୍ୟବସାୟିକ ଉତ୍ପାଦନର ଶୁଭ ଉଦ୍‌ଘାଟନ କରି ଶନିବାର ରାଜ୍ୟପାଳ ଏହା କହିଛନ୍ତି। ଆହୁରି ସେ କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଦେଶକୁ ପ୍ରଗତି ପଥରେ ଆଗେଇ ନେବା ପାଇଁ ବୃହତ ଶିଳ୍ପ ସହିତ କ୍ଷୁଦ୍ର ଓ ମଧ୍ୟମଧରଣର ଶିଳ୍ପର ବିକାଶ ଉପରେ ଯେପରି ଗୁରୁତ୍ୱ ଦେଉଛନ୍ତି ତାହା ସ୍ୱାଗତଯୋଗ୍ୟ। ଏହାଦ୍ୱାରା ହଜାର ହଜାର ଯୁବତୀଯୁବକ ନିଯୁକ୍ତିର ସୁଯୋଗ ପାଇବେ। ଭାରତ ମସଲା ଉତ୍ପାଦନ ବୃଦ୍ଧି ସହିତ ବିଭିନ୍ନ ଜନହିତକର କାର୍ଯ୍ୟରେ ଅର୍ଥ ବିନିଯୋଗ କରିବା ପ୍ରଶଂସନୀୟ ବୋଲି ରାଜ୍ୟପାଳ ପ୍ରକାଶ କରିଥିଲେ। ଏହି ଅବସରରେ କାରଖାନା ପରିସରରେ ସୁଉଚ୍ଚ ସ୍ତମ୍ଭର ମନୁମେଣ୍ଟ ଫ୍ଲାଗ ଉତ୍ତୋଳନ କରି ଅଭିବାଦନ ଗ୍ରହଣ କରିଥିଲେ। ସମ୍ମାନିତ ଅତିଥି ଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ ଜାତୀୟ ପତାକାର କ୍ରମବିକାଶ ଇତିହାସ ଓ ଏହାର ମହନୀୟତା ଉପରେ ଆଲୋକପାତ କରିବା ସହିତ ୭୦ କୋଟି ଟଙ୍କା ବ୍ୟୟରେ ଏହି ନୂତନ ଶିଳ୍ପର ପ୍ରତିଷ୍ଠା ଦ୍ୱାରା ଆଖପାଖ ଅଞ୍ଚଳର ବହୁ ଯୁବପିଢ଼ି ନିଯୁକ୍ତିର ସୁଯୋଗ ପାଇବେ। ନିଜର ନିଷ୍ଠା ଓ କଠିନ ପରିଶ୍ରମ ବଳରେ ଏହାର ପ୍ରତିଷ୍ଠାତା ସୁରେନ୍ଦ୍ର ନାଥ ପଣ୍ଡା ସଫଳତାର ପାହାଚ ଅତିକ୍ରାନ୍ତ କରିଚାଲିଛନ୍ତି ବୋଲି ବିଧାୟକ କହିଥିଲେ। ରେଭେନ୍ସା ମହାବିଦ୍ୟାଳୟର କୁଳପତି ପ୍ରଫେସର ଇଶାନ କୁମାର ପାତ୍ର, ଲେଖକ ଡ. ସୋମାଚାନ୍ଦ, ଖବରଦାତା ଡ. ସତ୍ୟ ରାୟ, ଶ୍ରୀ ଗୋବିନ୍ଦରାଜ ଜୀ, ପ୍ରକାଶ ଜୀ, ଆଲାମ ଜୀ , ଓଡ଼ିଶା ଶିଳ୍ପସଂଘର ଅଧ୍ୟକ୍ଷ ଶିଳ୍ପପତି ଅବନୀ କାନୁନ୍‌ଗୋ, ଏସ୍‌ସିବି ମେଡିକାଲ କଲେଜର ପ୍ରଫେସର ଡ. ସୁବ୍ରତ କୁମାର ବେହେରା, ନୂଆବଜାରର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଓ ସମ୍ପାଦକ ଏବଂ ଭାରତ ମସଲାର କର୍ମଚାରୀ ସ୍ନେହଲତା ରାଉତଙ୍କୁ ସଂସ୍ଥା ପକ୍ଷରୁ ରାଜ୍ୟପାଳ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ।

## ପୋଲିସ-ଜନତା...

ଜରିମାନା ନ ଆଣି ମଦ୍ୟପ ଡ୍ରାଇଭରଙ୍କୁ ଛାଡ଼ି ଦେଇଥିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା। ଏହା ଧୀରେ ଧୀରେ ମୁହାଁମୁହିଁ ପରିସ୍ଥିତିକୁ ଯାଇଥିଲା। ଉତ୍ତେଜନା ଖବର ପାଇ ସେଠାରେ ଆଉ ଏକ ପୋଲିସ ଭ୍ୟାନ୍ ପହଞ୍ଚିଥିଲା। ହେଲେ ଭ୍ୟାନ୍‌ର ଡ୍ରାଇଭର ସିଟ୍ ବେଲ୍ଟ ପିନ୍ଧି ନ ଥିବା ଦେଖି ଲୋକେ ପ୍ରଶ୍ନ କରିବା ସହ ଘେରିଯାଇ କାଗଜପତ୍ର ମାଗିଥିଲେ। ଏପରିକି ଭ୍ୟାନ ଭିତରେ ବିୟର କେନ୍ ପଡିଥିବା ସେମାନେ ଦେଖିବା ପରେ ଉତ୍ତେଜନା ଆହୁରି ବଢ଼ିଯାଇଥିଲା। ଏ ପରିସ୍ଥିତି ଦେଖି ଭ୍ୟାନ୍‌ରେ ବସିଥିବା ପୋଲିସ କର୍ମଚାରୀ ଭୟରେ ବାହାରକୁ ବାହାରି ନ ଥିଲେ। ଫଳରେ ଲୋକେ ପୋଲିସ ଭ୍ୟାନ୍‌କୁ ଗୋଇଠାବିଧା ମାରିବା ସହ କାଚ ଭାଙ୍ଗି ଦେଇଥିଲେ। ଏଥିସହ ଡ୍ରାଇଭର ଓ ଦୁଇଜଣ କର୍ମଚାରୀଙ୍କୁ ଘୋଷାରି ଆଣି ମାଡ଼ ମାରିଥିଲେ। ଡିସିପି ଅନୁପ କୁମାର ସାହୁ, ଏସିପି ଅନୁପ କାନୁନ୍‌ଗୋ, ଏସିପି ଅମରେଶ ପଣ୍ଡା ଓ ଅନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରି ବିଫଳ ହୋଇଥିଲେ। ସ୍ଥିତି ବିଗିଡି ଯାଉଥିବାବେଳେ ରିଜର୍ଭ ପୋଲିସ ଲାଠି ଚାର୍ଜ ଆରମ୍ଭ କରିଥିଲା। ଏହାଦେଖି ଲୋକେ ଏଣେତେଣେ ଧାଇଁବା ସହ ଦୂରରେ ରହି ପଥର ଓ କାଚ ବୋତଲ ମାଡ଼ କରିଥିଲେ। ଫ୍ଲାଏ ଓଭରରୁ ମଧ୍ୟ ଲୋକେ ପାଣିବୋତଲ, ବାଲିକୁ ପଲିଥିନରେ ପୂରାଇ ପୋଲିସ ଉପରକୁ ଫିଙ୍ଗିଥିଲେ। ତେବେ ଲାଠି ମାଡ଼ରେ ୩ଜଣ ଖବରଦାତା ଓ ୨ଜଣ ସାଧାରଣ ଲୋକ ଆହତ ହୋଇଥିଲେ। ଉତ୍ୟକ୍ତ ଲୋକଙ୍କୁ ଘଉଡ଼ାଉଥିବାବେଳେ ଏସିପି କାନୁନ୍‌ଗୋଙ୍କୁ ଲୋକେ ଧକ୍କା ମାରି ତଳେ ପକାଇ ଚଢ଼ିଯାଇଥିଲେ। ସେହିଭଳି ଅନ୍ୟ ଦୁଇଜଣ ପୋଲିସ କର୍ମଚାରୀ ମଧ୍ୟ ପଥର ମାଡ଼ରେ ଆହତ ହୋଇଥିଲେ। ଇତିମଧ୍ୟରେ ପୋଲିସ ରାଜମହଲକୁ ଚାରିଆଡୁ ଘେରାବନ୍ଦୀ କରି ଲୋକଙ୍କୁ ଘଟଣାସ୍ଥଳରୁ ଦୂରେଇବାକୁ ଚେଷ୍ଟା କରିଥିଲା। କିନ୍ତୁ ଲୋକଙ୍କ ସଂଖ୍ୟା ଅଧିକ ଥିବାରୁ ଉତ୍ତେଜନା ଜାରି ରହିଥିଲା। ରିଜର୍ଭ ପୋଲିସ ଧୀରେ ଧୀରେ ନିଷ୍କ୍ରିୟ ହେଉଥିବାବେଳେ ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ, ଟ୍ରାଫିକ ଡିସିପି ସାଗରିକା ନାଥ ରାପିଡ୍ ଆକ୍ସନ ଫୋର୍ସ, କୁଇକ୍ ଆକ୍ସନ ଟିମ୍ ଓ ବ୍ଲାକ୍ କମାଣ୍ଡୋ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ। ପୋଲିସ ସଂଖ୍ୟା ବଢ଼ିଯିବାରୁ ଲୋକେ ଧୀରେ ଧୀରେ ଛତ୍ରଭଙ୍ଗ ଦେଇଥିଲେ। ରାଜମହଲରୁ କଳ୍ପନା ଓ ରାଜମହଲରୁ ଏଜି ଛକ ପର୍ଯ୍ୟନ୍ତ ରାସ୍ତାକୁ ପୋଲିସ ସିଲ୍ କରିଦେଇଥିଲା। ଏହି ସମୟରେ ଡିସିପି ଅନୁପ ସାହୁ ୧୪୪ ଧାରା ଲାଗୁ ହେଲା ବୋଲି କହିବା ପରେ ମାଇକ୍ ଯୋଗେ ଲୋକଙ୍କୁ ଅବଗତ କରାଯାଇଥିଲା। କିଛି ସମୟ ପାଇଁ ସ୍ଥିତି ଶାନ୍ତ ପଡିଥିବାବେଳେ ଗାଡିମୋଟର ଚଳାଚଳ ସ୍ୱାଭାବିକ ହୋଇଥିଲା। କିନ୍ତୁ ଅପରାହ୍ଣ ୪ଟାରେ ହଠାତ୍ ଲୋକେ ମୋ ବସ୍‌କୁ ଅଟକାଇ ଡ୍ରାଇଭରର ଲାଇସେନ୍ସ, ଗାଡି ପରମିଟ ଆଦି କାଗଜପତ୍ର ମାଗିବା ସହ ମଦ ପିଇଚ ନା ନାହିଁ ପଚାରିଥିଲେ। ଏହାକୁ ନେଇ ପୁଣି ଉତ୍ତେଜନା ଆରମ୍ଭ ହୋଇଥିଲା। ପୋଲିସ ୩ଜଣ ଯୁବକଙ୍କୁ ସେଠାରୁ ଉଠାଇ ନେଇଥିଲା। କିଛି ସମୟ ଅନ୍ତରରେ ଲୋକେ ପୋଲିସକୁ ଚ୍ୟାଲେଞ୍ଜ ଦେବାଭଳି ହୋହଲ୍ଲା, ଗାଡିମୋଟର ଅଟକାଇ କାଗଜପତ୍ର ମାଗିବା ଆଳରେ ଚାଳକଙ୍କୁ ଦୁର୍ବ୍ୟବହାର ଜାରି ରଖିଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ୧୪୪ଧାରା ବଳବତ୍ତର ରହିଥିବାବେଳେ ରିଜର୍ଭ, କୁଇକ୍ ଆକ୍ସନ, ସ୍ଥାନୀୟ ପୋଲିସ ସହ ଟ୍ରାଫିକ ପୋଲିସ ସେଠାରେ ମୁତୟନ ଥିଲା। କ୍ରମଶଃ ସ୍ଥିତି ସ୍ୱାଭାବିକ ହୋଇ ଗାଡ଼ିମୋଟର ଚଳାଚଳ କରିଥିଲା।

**ପ୍ରଥମ ପୃଷ୍ଠାରୁ...**

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ପାରିବାରିକ ପରିସ୍ଥିତି ବିଗିଡି ଯାଇଥିବା କାରଣରୁ ମନ ଖରାପରୁ କୌଣସି ନୂତନ କାମ ଆରମ୍ଭ କରିପାରିବେ ନାହିଁ। କର୍ମକ୍ଷେତ୍ରରେ ମଧ୍ୟ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି। ଯାତ୍ରା, ପରିବହନ, ବାଣିଜ୍ୟରେ ଆଶାନୁରୂପ ସଫଳତା ମିଳିବ। ପଡ଼ୋଶୀଙ୍କ ସହ ଉପୁଜିଥିବା ସମସ୍ୟା ସମାଧାନ ହୋଇଯାଇପାରେ।

**ବୃଷ**
ସୁସମ୍ପର୍କ ଥିବା ବନ୍ଧୁଙ୍କ ମାଧ୍ୟମରେ ସମସ୍ୟା ସମାଧାନର ରାସ୍ତା ଖୋଲିଯିବ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ଉପରେ ପୂର୍ଣ୍ଣ ଭରସା କରି ପ୍ରତାରିତ ହୋଇପାରନ୍ତି। କୌଣସି ଉନ୍ନତିମୂଳକ କାମ ସକାଶେ ଅର୍ଥର ଆବଶ୍ୟକତା ପଡିପାରେ। ଆତ୍ମୀୟ ସ୍ୱଜନଙ୍କ ଅସହଯୋଗ ଅଭିଳାଷ ପୂରଣରେ ପ୍ରତିବନ୍ଧକ ସାଜିବ।

**ମିଥୁନ**
ସମ୍ପର୍କୀୟମାନେ ନିଜର ଫାଇଦା ହାସଲ ପାଇଁ ଫନ୍ଦିଫିକର କରିବା ଲାଗି ମନ ବଳାଇ ପାରନ୍ତି। କର୍ମକ୍ଷେତ୍ରରେ ଦୀର୍ଘଦିନର ଶତ୍ରୁତା ବିବାଦୀୟ ପରିସ୍ଥିତି ସୃଷ୍ଟି କରିପାରେ। ଧର୍ମକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ପରିବାରରେ କେତେକ ବ୍ୟତିକ୍ରମ ରହିଥିଲେ ମଧ୍ୟ ବିଶେଷ କିଛି ଗୋଳମାଳିଆ ପରିସ୍ଥିତି ଦେଖା ଦେବ ନାହିଁ।

**କର୍କଟ**
ଆନୁଷଙ୍ଗିକ ସାହାଯ୍ୟ, ସହଯୋଗରୁ କାମଗୁଡିକ ସୁରୁଖୁରୁରେ ସମ୍ପନ୍ନ ହୋଇଯିବ। ଆର୍ଥିକ ଅଭିବୃଦ୍ଧି ଓ ପାରିବାରିକ ସଦ୍‌ଭାବ ମନକୁ ଖୁସି କରାଇବାରେ ସାହାଯ୍ୟ କରିବ। ଅଶ୍ଳେଷା ନକ୍ଷତ୍ରର ଦୈହିକ ଦୁର୍ବଳତା ଯୋଗୁ ମନୋବଳ କମି ଯାଇପାରେ। ଆତ୍ମୀୟମାନଙ୍କ ଅସହଯୋଗ ରହିଥିଲେ ମଧ୍ୟ ପରିସ୍ଥିତିକୁ ସମ୍ଭାଳି ନେବାରେ ସମର୍ଥ ହେବେ।

**ସିଂହ**
ଗ୍ରହମାନଙ୍କ ଅନୁକୂଳ ସ୍ଥିତିରୁ ଯାତ୍ରା, ବାଣିଜ୍ୟ, ପ୍ରତିଦ୍ୱନ୍ଦ୍ୱିତାରେ ଅବଶ୍ୟ ସଫଳତା ହାସଲ କରିବେ। କାମ ହାସଲ ସକାଶେ ହଠାତ୍ ମୋଟା ଅଙ୍କର ଅର୍ଥର ଆବଶ୍ୟକତା ଅନୁଭବ କରିପାରନ୍ତି। ପାରିବାରିକ କ୍ଷେତ୍ରରେ ସନ୍ଦେହ ଓ ଭୁଲ୍ ବୁଝାମଣା ସମସ୍ୟାର ମୁଖ୍ୟ କାରଣ ହେବ। ସଭାସମିତିରେ ବୁଦ୍ଧିଜୀବୀମାନଙ୍କ ଆଦରଣୀୟ ହେବେ।

**କନ୍ୟା**
ଆଶା ପୂରଣ ହେବା ସାଙ୍ଗକୁ କର୍ମକ୍ଷେତ୍ରରେ ସମ୍ମାନ ଲାଭ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ। ବ୍ୟବସାୟରେ ନୂତନ କିଛି ଯୋଡିବା ସକାଶେ ଚିନ୍ତା କରିପାରନ୍ତି। ପରିବାରରେ ପାରସ୍ପରିକ ସମ୍ପର୍କ ହାନି ଦୁଶ୍ଚିନ୍ତାର କାରଣ ହୋଇପାରେ। କଳା, ସାହିତ୍ୟ, ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**ତୁଳା**
ଭୁଲ୍ ବୁଝାମଣାଜନିତ ପରିବାରରେ ଅଶାନ୍ତିର ବାତାବରଣରୁ ଦୁଃଖୀ ହୋଇ ପାରନ୍ତି। ସାମାଜିକ ସ୍ତରରେ ଧର୍ମକାର୍ଯ୍ୟ କରି ଏବଂ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ। ବନ୍ଧୁମାନେ ନିଜର ଫାଇଦା ହାସଲ ମତଲବରେ ସମ୍ପର୍କ ସ୍ଥାପନ କରିବା ପାଇଁ ଆଗେଇ ଆସିପାରନ୍ତି। ବ୍ୟବସାୟ କିମ୍ବା ପରିବହନରେ ଝଗଡ଼ା ଲାଗିପାରେ।

**ବିଛା**
ଠିକ୍ ନିଷ୍ପତ୍ତିର ଅଭାବ ଓ ଅପରିଣାମଦର୍ଶିତା କାରଣରୁ ବହୁତ ଝଡ଼ଝଞ୍ଜା ମଧ୍ୟ ଦେଇ ଗତି କରିବାକୁ ପଡ଼ିବ। ଅସାବଧାନତା କାରଣରୁ ଦ୍ରବ୍ୟ ନଷ୍ଟ ଯୋଗୁ କ୍ଷୋଭ ପ୍ରକାଶ କରିବେ। ଆନୁଷ୍ଠାନିକ କାମ, ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା ବଢ଼ିପାରେ। ମାନସିକ ଅବସାଦ ଦୂର ହେବାରେ ବନ୍ଧୁ ସାହାଯ୍ୟ କରିବେ।

**ଧନୁ**
ବିଜାତୀୟବ୍ୟକ୍ତିଙ୍କ ସହ ବିଶେଷ ସଂସର୍ଗତାରୁ ଦୂରେଇ ନ ରହିଲ ସମାଲୋଚିତ ହେବାକୁ ପଡ଼ିପାରେ। ଜମିଜମା କିଣାବିକା, ପ୍ରକଳ୍ପ କାର୍ଯ୍ୟ, ସମସ୍ୟା ସମାଧାନ କ୍ଷେତ୍ରରେ ଚୁକ୍ତିପତ୍ର ସ୍ୱାକ୍ଷରିତ ହୋଇପାରେ। ରପ୍ତାନି ବାଣିଜ୍ୟ ଓ ପରିବହନ ପାଇଁ ବିଶେଷ ଅସୁବିଧା ହେବ ନାହିଁ। କ୍ରୀଡ଼ା, ଚଳଚ୍ଚିତ୍ର ଓ ସଙ୍ଗୀତ ସାଧନା କ୍ଷେତ୍ରରେ ଉନ୍ନତମାନର ସୁଫଳ ପାଇବେ।

**ମକର**
ବନ୍ଧୁଙ୍କ ସାହାଯ୍ୟରୁ ଦୀର୍ଘଦିନରୁ ଲାଗି ରହିଥିବା ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମିଯିବ। ପୁରାତନ ରୋଗ ପୀଡ଼ାରୁ କଷ୍ଟ ପାଇପାରନ୍ତି। ପାରିବାରିକ ସମସ୍ୟାକୁ ଚତୁରତାର ସହ ସମାଧାନ କରିବେ। ଜମିଜମା କିଣାବିକା, ପରିବହନ, ବାଣିଜ୍ୟ ପାଇଁ ଦିନଟି ଭଲ। ଆର୍ଥିକ ସ୍ଥିତି ପୂର୍ବ ପରି ସନ୍ତୋଷଜନକ ରହିବ ନାହିଁ।

**କୁମ୍ଭ**
ଆଜିର ସଭାସମିତରେ ବନ୍ଧୁମିଳନ, ପରିବହନ, ପ୍ରଶାସନିକ କ୍ଷେତ୍ରାଦିରେ ସଫଳତା ପାଇପାରିବେ। ସରକାରୀ ସ୍ତରରୁ ଆଶା କରୁଥିବା ଶୁଭଖବର ପାଇ ଖୁସି ହୋଇପାରନ୍ତି। ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ପୈତୃକ ସମ୍ପତ୍ତିକୁ କେନ୍ଦ୍ରକରି ଟଣାଓଟରା ଦେଖା ଦେଇପାରେ।

**ମୀନ**
କର୍ମକ୍ଷେତ୍ରରେ ସମସ୍ୟା ସୁଧୁରିଯିବା କାରଣରୁ ପାରିବାରିକ ସଦ୍ଭାବ କ୍ରମଶଃ ବୃଦ୍ଧି ପାଇବ। ପରିବାରରେ ଭୁଲ୍ ବୁଝାମଣାଜନିତ ସୁସମ୍ପର୍କରେ ଅବନତି ଘଟିପାରେ। ବ୍ୟବସାୟରେ ଭାଗୁଆଳମାନଙ୍କ ସହ ମାନମନାନ୍ତର ଦେଖା ଦେବାର ଆଶଙ୍କା ରହିଛି। ସ୍ୱର୍ଣ୍ଣାଦି ଅଳଙ୍କାର, ଔଷଧପତ୍ର କିମ୍ବା ସୌଖୀନ ଦ୍ରବ୍ୟ କ୍ରୟ କରିପାରନ୍ତି।

ଆଜି ଭାଦ୍ରବ ଶୁକ୍ଳ ଦଶମୀ ରବିବାର, ସେପ୍ଟେମ୍ବର ୮ ତାରିଖ, ବିଶ୍ୱ ସାକ୍ଷରତା ଦିବସ, ଦୈନିକ ଧରିତ୍ରୀର ପୂର୍ବତନ ସମ୍ପାଦକ ଓ ପୂର୍ବତନ ଏମ୍‌ପି ଦେବେନ୍ଦ୍ର ଶତପଥୀଙ୍କ ଜୟନ୍ତୀ, ଖୁଦୁରୁକୁଣୀ ଓଷା ଶେଷ ପାଳି, ରାଶିନକ୍ଷତ୍ର-ପୂର୍ବାଷାଢ଼ା/ଧନୁ, ମେଷ ରାଶିର ଘାତବାର, ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା୬।୫୩ମି. ମଧ୍ୟେ ଘ୪।୫୭ମି. ଗତେ, ଘ୬।୧୮ମି. ମଧ୍ୟେ ଅମୃତବେଳା। ଦିବା ଘ୮।୩୦ମି. ଗତେ, ଘ୧୦।୦୭ମି. ମଧ୍ୟେ ମାହେନ୍ଦ୍ରବେଳା। ଅପରାହ୍ଣ ଘ୪।୨୦ମି. ଗତେ ଘ୫।୫୩ମି. ମଧ୍ୟେ ରାହୁକାଳ।

ଧରିତ୍ରୀ DHARITRI
ଭୁବନେଶ୍ୱର, ରବିବାର, ୮ ସେପ୍ଟେମ୍ବର, ୨୦୧୯



## ସଂକ୍ଷେପରେ

### ୧୦ରୁ କୁଷ୍ଠ ରୋଗ ନିରାକରଣ ଅଭିଯାନ

କେନ୍ଦ୍ରାପଡା ଅଫିସ, ୭।୯: କୁଷ୍ଠ ରୋଗର ନିରାକରଣ ପୂର୍ବରୁ ସମ୍ଭବ ହୋଇ ପାରୁ ନ ଥିଲା । ରୋଗୀଙ୍କୁ ସାମାଜିକ ବାସନ୍ଦ ଭଳି ନିର୍ଯାତନା ସହିବାକୁ ପଡୁଥିଲା । ଏବେ ଏହି ରୋଗର ସମ୍ପୂର୍ଣ୍ଣ ଉପଚାର ହୋଇପାରୁଛି। ଏହାର ସଚେତନତା ପାଇଁ ଆସନ୍ତା ୧୦ରୁ କୁଷ୍ଠ ରୋଗ ନିରାକରଣ ଅଭିଯାନ ଆରମ୍ଭ ହୋଇ ୨୩ ତାରିଖରେ ସମାପ୍ତ ହେବ। ଏନେଇ ଜିଲା ପ୍ରଶାସନ ପକ୍ଷରୁ ଶନିବାର ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ସୂଚନା ଦିଆଯାଇଛି । ଜିଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ଆୟୋଜିତ ଏହି ବୈଠକରେ ଏଡିଏମ୍ ବସନ୍ତ କୁମାର ରାଉତ ଅଧକ୍ଷତା କରିଥିଲେ । ଏଥିରେ ସିଡିଏମଓ ଡା. ନିର୍ମଳା ମିଶ୍ର, ଏଡିଏମଓ ଡା. ମିର୍ଜା ବାବର ବେଗ, ଏଡିଏମଓ କିଶୋର ଚନ୍ଦ୍ର ଆଚାର୍ଯ୍ୟ, ପି.କେ. ଦାସ ଓ ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ ।

### ମହାବିଦ୍ୟାଳୟକୁ ଅଣଛାତ୍ର ପ୍ରବେଶ ବନ୍ଦ ଦାବି

ରାଜନଗର, ୭।୯ (ଡି.ଏନ.ଏ.): ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ଅଣଛାତ୍ର ପ୍ରବେଶକୁ ବନ୍ଦ କରିବା ପାଇଁ ଶନିବାର ରାଜନଗର ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ରାଜନଗର ଥାନାରେ ଲିଖିତ ଭାବେ ଦାବି କରିଛନ୍ତି। ରାଜନଗର ଅଞ୍ଚଳର ଏହା ଏକମାତ୍ର ଡିଗ୍ରୀ କଲେଜ। ଦୂରଦୂରାନ୍ତରୁ ଛାତ୍ରୀଛାତ୍ରମାନେ ଏଠାକୁ ପାଠ ପଢିବାକୁ ଆସୁଛନ୍ତି । ସେମାନଙ୍କ ସୁରକ୍ଷା ଦୃଷ୍ଟିରୁ ଏ ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦିପ୍ତୀ ରଞ୍ଜନ ସାହୁ, ବିଶ୍ୱଜିତ ରାଉତ, ସତ୍ୟବ୍ରତ ବଳ, ରାଘବେନ୍ଦ୍ର ମହାନ୍ତି, ପ୍ରଶାନ୍ତ କୁମାର ପ୍ରଧାନଙ୍କ ସମେତ ବହୁ ଛାତ୍ରୀଛାତ୍ର ରାଜନଗର ଥାନାରେ ଜଣାଇଛନ୍ତି ।

### ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ପୁଣ୍ୟ ତିଥି ପାଳନ

ଡେରାବିଶ,୭।୯(ସ୍ୱପ୍ର) : କେନ୍ଦ୍ରାପଡ଼ା ବ୍ଲକ ଭାଗବତପୁର ପଞ୍ଚାୟତ ଅନ୍ତର୍ଗତ ବାଲିଆସ୍ଥିତ ଦୟାନନ୍ଦ ସେବାଶ୍ରମ ପରିସରରେ ଏହି ଆଶ୍ରମର ସଂସ୍ଥାପକ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ଅଷ୍ଟଦଶ ବାର୍ଷିକ ପୂଣ୍ୟ ତିଥି ଶୁକ୍ରବାର ପାଳିତ ହୋଇଯାଇଛି । ଅବସରପ୍ରାପ୍ତ ଶିକ୍ଷକ ନିମାଇଁ ଚରଣ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ କେନ୍ଦ୍ରାପଡ଼ା ଜିଲା ଶିଶୁମଙ୍ଗଳ କମିଟିର ଅଧକ୍ଷ ମିତାଞ୍ଜଳି ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ଓଁ ଧ୍ୱଜା ଉତ୍ତୋଳନ କରିଥିଲେ । ମୁଖ୍ୟବକ୍ତା ଭାବେ ବିଜ୍ଞାନ ଶିକ୍ଷକ ସୁବାଷ ଚନ୍ଦ୍ର ଖୁଣ୍ଟିଆ ଯୋଗଦେଇ ଯଜ୍ଞ କର୍ମର ଆଧାତ୍ମିକ ଦିଗ ଉପରେ ବକ୍ତବ୍ୟ ରଖିଥିଲେ । ସ୍ଥାନୀୟ ୬ ନଂ ଜୋନ୍‌ର ଜିଲା ପରିଷଦ ସଦସ୍ୟ ଦେବାଶିଷ ଦାସ ଯଜ୍ଞର ଉପାଦେୟତା ଓ ଗୁରୁ ପରମ୍ପରା ସମ୍ପର୍କରେ କହିଥିଲେ । ପ୍ରାରମ୍ଭରେ ସୁଦର୍ଶନ ମହାପାତ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅନୁଷ୍ଠାନର ସମ୍ପାଦକ ମଦନ ମୋହନ ସ୍ୱାମୀ ବ୍ରହ୍ମାନନ୍ଦ ସରସ୍ୱତୀଙ୍କ ବହୁମୁଖୀ କାର୍ଯ୍ୟଧାରା ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ । ଶେଷରେ ଆଶ୍ରମର ସଦସ୍ୟ ବସନ୍ତ କୁମାର ଜେନା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଉତ୍ସବରେ ଅଞ୍ଚଳର ରାଜକିଶୋର ଜେନା, ନଟବର ଭଦ୍ର, ନାରାୟଣ ସ୍ୱାଇଁ, ପ୍ରସନ୍ନ କୁମାର ସ୍ୱାଇଁ, ରମେଶ ଚନ୍ଦ୍ର ଭଦ୍ର, ରବୀନ୍ଦ୍ର ନାଥ ଜେନା ପ୍ରମୁଖ ଯୋଗ ଦେଇଥିଲେ ।

## ■ ଭିତରକନିକା ଜାତୀୟ ଉଦ୍ୟାନ

# ଜଳପଥରେ ଯାଇ ରାତିରେ ବୁଲିଲେ ପଶ୍ଚିମବଙ୍ଗ ପର୍ଯ୍ୟଟକ

ରାଜନଗର, ୭।୯(ଡି.ଏନ.ଏ.)

କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକରେ ଥିବା ଭିତରକନିକା ଜାତୀୟଉଦ୍ୟାନ ସବୁବେଳେ ପ୍ରକୃତିପ୍ରେମୀ ମଣିଷକୁ ମତୁଆଲା କରିଥାଏ। ବିଭିନ୍ନ ପ୍ରଜାତିର ସରୀସୃପ, ରଙ୍ଗବେରଙ୍ଗର ପକ୍ଷୀ , ବିରଳ ହେନ୍ତାଳ ବଣ ଏହି ଜାତୀୟ ଉଦ୍ୟାନର ମୁଖ୍ୟ ଆକର୍ଷଣ । ୧୯୭୨ ବନ୍ୟପ୍ରାଣୀ ଆଇନ ଅନୁସାରେ ଏଠାରେ ରାତ୍ରିଭ୍ରମଣକୁ ନିଷିଦ୍ଧ କରାଯାଇଛି। ଏହାସତ୍ତ୍ୱେ ଶୁକ୍ରବାର ରାତିରେ ପଶ୍ଚିମବଙ୍ଗରୁ ଆସିଥିବା ପର୍ଯ୍ୟଟକମାନେ ନୌବିହାର କରିବା ସହ ଜାତୀୟଉଦ୍ୟାନ ବୁଲିବା ଘଟଣା ନଜରକୁ ଆସିଛି । ଏନେଇ ପରିବେଶବିତମାନେ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ, ପଶ୍ଚିମବଙ୍ଗର ଏଚ. ଗାଙ୍ଗୁଲିଙ୍କ ସମେତ ୬ଜଣ ପର୍ଯ୍ୟଟକ ଏଠାକୁ ବୁଲିବାକୁ ଆସିଛନ୍ତି । ସେମାନେ ଗତ ୬ ତାରିଖରୁ ୯ ତାରିଖ ଯାଏଁ ଭିତରକନିକାର ଡାଙ୍ଗମାଳଠାରେ ରହିବା ପାଇଁ ରୁମ ବୁକ୍ କରିଛନ୍ତି। ଏହି ପର୍ଯ୍ୟଟକମାନେ ଶୁକ୍ରବାର ଅପରାହ୍ନ ୧ଟା ୧୦ରେ ଖୋଳା ପ୍ରବେଶ ପଥରେ ଥାନପତି ନାମକ ବୋଟକୁ ୪ଦିନ ପାଇଁ ବୁକିଂ କରିଥିଲେ । ତେବେ ବନ ବିଭାଗର କଟକଣା ସତ୍ତ୍ୱେ ପର୍ଯ୍ୟଟକମାନେ ଶୁକ୍ରବାର ସନ୍ଧ୍ୟା ୬ ଟା ସମୟରେ ଭିତରକନିକାର ଡାଙ୍ଗମାଳରୁ ବୋଟ ଯୋଗେ ହବାଲିଖଟି ଯାଇଥିଲେ। ଡାଙ୍ଗମାଳରୁ ହବାଲିଖଟି ଯିବା ଆସିବା ପାଇଁ ପ୍ରାୟ ୬ ଘଣ୍ଟା ସମୟ ଲାଗିଥାଏ। ଏହି ୬ଜଣ ପର୍ଯ୍ୟଟକଙ୍କୁ ବନବିଭାଗର ଜଣେ ନିଲମ୍ବିତ କର୍ମଚାରୀ ଫିସିଂ କ୍ୟାଟ ଓ ଝିଙ୍କ ଆଦି ଦେଖାଇବାକୁ କହି ବୁଲାଇବାକୁ ନେଇଥିଲେ। ସେମାନେ ହବାଲିଖଟି ବୁଲି ରାତି ୧୨ଟା ପରେ ଡାଙ୍ଗମାଳରେ ପହଞ୍ଚି ରାତ୍ରିଯାପନ କରିଥିଲେ । ଏଠାରେ ପରିଭ୍ରମଣ ପାଇଁ ନବେ ଦଶକରୁ ଆଇନ କଡାକଡି କରାଯାଇଛି। ଆଇନ ଅନୁଯାୟୀ ଜାତୀୟଉଦ୍ୟାନରେ ରାତ୍ରିବେଳା ନୌବିହାର ସହିତ ବୁଲିବା ନିଷିଦ୍ଧ ରହିଛି। ତେବେ ପଶ୍ଚିମବଙ୍ଗର ପର୍ଯ୍ୟଟକ କିପରି ବୋଟ ଯୋଗେ ହବାଲିଖଟି ଗଲେ, ପୁଣି ବିଳମ୍ବିତ ରାତିରେ ଫେରି ଡାଙ୍ଗମାଳ ଭିତରେ ରାତ୍ରିଯାପନ କଲେ ସେ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଭିତରକନିକାର ଡାଙ୍ଗମାଳଠାରେ ଥିବା ଗେଷ୍ଟହାଉସ ଓ ଜେଠି ନିକଟରେ ବନ କର୍ମଚାରୀମାନେ ରାତିରେ ଡ୍ୟୁଟିରେ ଥାଆନ୍ତି। ଏହାସତ୍ତ୍ୱେ ପର୍ଯ୍ୟଟକମାନେ ବୁଲିବା ବନବିଭାଗ କର୍ମଚାରୀଙ୍କ କାର୍ଯ୍ୟଦକ୍ଷତା ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁଛି । ପଶ୍ଚିମବଙ୍ଗର ପର୍ଯ୍ୟଟକ ୪ଦିନ ପାଇଁ ବୁକିଂ କରିଥିବା ଥାନପତି ବୋଟର ମାଲିକ ଭରତ ମଣ୍ଡଳଙ୍କୁ ପଚାରିବାରୁ କହିଥିଲେ ଯେ, ସନ୍ଧ୍ୟାରେ ବୋଟ ନେଇ ହବାଲିଖଟି ଯାଇଥିଲୁ। ରାତି ୧୨ଟା ଆସି ଡାଙ୍ଗମାଳରେ ପହଁଞ୍ଚିଲୁ । ଏ ସଂପର୍କରେ ଡିଏଫଓ ବିକାଶ ରଞ୍ଜନ ଦାଶଙ୍କୁ ପଚାରିବାରୁ ପର୍ଯ୍ୟଟକମାନେ ସନ୍ଧ୍ୟାରେ ବୋଟ ନେଇ ଯିବା ଓ ରାତିରେ ଫେରିବା ଘଟଣାରେ ବନ କର୍ମଚାରୀମାନଙ୍କର ସଂପୃକ୍ତିକୁ ଏଡାଇ ଦିଆଯାଇ ନ ପାରେ । ଏ ନେଇ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି।

## ୨ଲକ୍ଷ ୬ ହଜାରରେ ନିଲାମ ହେଲା ଲଡୁ


ଲଡୁ ନିଲାମ କରାଯାଉଛି।

ରାଜନଗର, ୭।୯(ଡି.ଏନ.ଏ.)

ରାଜନଗର ବ୍ଲକ ଓଡ୍ରିଆ ପଞ୍ଚାୟତ ବାଲିକଣା ଗାଁରେ ହୋଇଥିବା ମଣ୍ଡପର ଗଣେଶଙ୍କ ନିକଟରେ ପୂଜା ହୋଇଥିବା ୨ଟି ଲଡୁ ୨ ଲକ୍ଷ ୬ହଜାର ଟଙ୍କାରେ ନିଲାମ ହୋଇଛି। ୭ କେଜିର ଲଡୁ ୧ ଲକ୍ଷ ୫୫ ହଜାର ଟଙ୍କାରେ ନିଲାମ ହୋଇଥିବା ବେଳେ ଦେଢକେଜିର ଲଡୁ ୫୧ ହଜାର ଟଙ୍କାରେ ନିଲାମ ହୋଇଛି। ଗତବର୍ଷ ଏହି ଅନୁଷ୍ଠାନର ଲଡୁ ୧ ଲକ୍ଷ ୪୬ ହଜାର ଟଙ୍କାରେ ନିଲାମ ହୋଇଥିଲା। ଗାଁର ମା'ଜୟଦୁର୍ଗା କ୍ଲବ ପକ୍ଷରୁ ୩ଦିନ ଧରି ଗଣେଶ ପୂଜା ଅନୁଷ୍ଠିତ ହୋଇଥିଲା। ବୁଧବାର ଉଦ୍‌ଯାପନୀ ଉତ୍ସବରେ ଅନୁଷ୍ଠାନର ସଭାପତି ରାଧାକାନ୍ତ ରାଉତରାୟଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସିନେ ଅଭିନେତା ଆରିଆ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ ନଳିନୀକାନ୍ତ ରାଉତରାୟ, ଶରତ ଚନ୍ଦ୍ର ରାଉତ, ନିତ୍ୟାନନ୍ଦ ସିଂ, ଚନ୍ଦ୍ରକାନ୍ତ ରାଉତ, ତନୁଜ ସାହୁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଠାକୁରଙ୍କ ପାଖରେ ଭୋଗ ହୋଇଥିବା ଲଡୁ ନିଲାମ ଡକାଯାଇଥିଲା। ଗାଁର ଅମର ପୃଷ୍ଟି, ବିଭୀଷଣ ପୃଷ୍ଟି, ହୃଷିକେଶ ପୃଷ୍ଟି ୭କେଜିର ଲଡୁକୁ ୧ ଲକ୍ଷ ୫୫ ହଜାର ଟଙ୍କାରେ ନିଲାମ ଧରିଥିବା ବେଳେ ବାସୁଦେବ ଦାସ, ଗୁଟୁ ଦାସ, ବିପିନି ବିହାରୀ ଦାସ ଦେଢ କେଜିରୁ ଲଡୁକୁ ୫୧ ହଜାର ଟଙ୍କାରେ ନିଲାମ ଧରିଥିଲେ। ଅନୁଷ୍ଠାନର ସଂପାଦକ ପବିତ୍ର ମୋହନ ରାଉତ, ଶୈଳେନ୍ଦ୍ର ଦାସ, ବାସୁଦେବ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ୧୧ତମ ବାର୍ଷିକୋତ୍ସବ

ମାର୍ଶାଘାଇ,୭।୯ (ଡି.ଏନ.ଏ.)



ଉତ୍ସବରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

ମାର୍ଶାଘାଇ ବ୍ଲକ କୁହୁଡି ସିଦ୍ଧମହାପୁରୁଷ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର କେନ୍ଦ୍ରାପଡା ଜିଲା ଶାଖାର ୧୧ତମ ବାର୍ଷିକ ସଂସ୍କୃତ ଦିବସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଜିଲା ସଭାପତି ଶରତ କୁମାର ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଉତ୍କଳ ସଂସ୍କୃତ ଶିକ୍ଷକ ମହାସଂଘର ରାଜ୍ୟ ସଭାପତି ପ୍ରଫୁଲ୍ଲ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟ ଯୁଗ୍ମ ସଂପାଦକ ଗୌତମ ମହାରଣା,ସମ୍ମାନିତ ଅତିଥି ଭାବେ ସଂଗଠନର ରାଜ୍ୟ ସଂପାଦକ ନରସିଂହ ଜେନା,ରାଜ୍ୟ ସଂଯୋଜକ ପ୍ରମୋଦ କୁମାର ତ୍ରିପାଠୀ,କୁହୁଡି ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ କୈଳାଶ ଚନ୍ଦ୍ର ଦଳାଇ ଯୋଗ ଦେଇଥିଲେ। ଶିକ୍ଷକ ଉମାକାନ୍ତ ମହାପାତ୍ର ବେଦପାଠ କରିଥିଲେ । ପସ୍ତା ସାଇନାଥ କଳା ପରିଷଦର କଣ୍ଠଶିଳ୍ପୀ ଜୟଶ୍ରୀ ପତି ଓ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ ପରେ ଶିକ୍ଷକ ମାନସ ରଞ୍ଜନ ମୁଦ୍ରା ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲା ସଂପାଦକ ଭଗବାନ ସାହୁ ସଂପାଦକୀୟ ବିବରଣୀ ପାଠ କରିବା ସହିତ ସଂସ୍କୃତ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ବିଭିନ୍ନ ସମସ୍ୟା ଓ ସଂଗଠନ ସଂପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସଂସ୍କୃତ ବିଷୟରେ ମାଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ନମ୍ବର ରଖିଥିବା ଜିଲାର ବିଭିନ୍ନ ବିଦ୍ୟାଳୟର ୬ଜଣ ଛାତ୍ରୀଛାତ୍ର ଏବଂ ଅବସର ଗ୍ରହଣ କରିଥିବା ୨୦ଜଣ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ସଂଗଠନ ତରଫରୁ ଉତ୍ତରୀୟ ଏବଂ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଜିଲାର ସମସ୍ତ ବ୍ଲକ ସଂଗଠନର କର୍ମକର୍ତ୍ତା ଯୋଗଦେଇ ସଂଗଠନକୁ ମଜଭୁତ କରିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ। ସମାରୋହରେ ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରତିମା ସ୍ୱାଇଁ, ବୀଣାପାଣି ଦାଶ,ଶ୍ରାବଣୀ କର୍ମଚାରୀ ଶୁଭ୍ରାଂଶୁ ରଣା, ଜ୍ୟୋତିରଞ୍ଜନ ଚୌଧୁରୀ,ପ୍ରେମଲତା ନାୟକଙ୍କ ସମେତ ଜିଲାର ଶତାଧିକ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ଶିକ୍ଷକ ଜଗନ୍ନାଥ ପ୍ରସାଦ ଉପାଧ୍ୟାୟ ଧନ୍ୟବାଦ ଦେଇଥିଲେ।

## ବସନ୍ତ ବିଶ୍ୱାଳଙ୍କ ଷୋଡ଼ଶତମ ଶ୍ରାଦ୍ଧୋତ୍ସବ ପାଳିତ

କେନ୍ଦ୍ରାପଡା ଅଫିସ, ୭।୯

ରାଜ୍ୟର ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ ବିଶ୍ୱାଳଙ୍କ ଷୋଡ଼ଶତମ ଶ୍ରାଦ୍ଧୋତ୍ସୋବ କେନ୍ଦ୍ରପଡ଼ା ଜିଲା ବସନ୍ତ ବିଶ୍ୱାଳ ସ୍ମୃତି କମିଟି ପକ୍ଷରୁ ଶନିବାର ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ସକାଳ ୮ଟାରେ ନୂଆ ବସଷ୍ଟାଣ୍ଡଠାରେ ଥିବା ବିଶ୍ୱାଳଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଗୋବରୀ ନଦୀରେ ତିଳ ତର୍ପଣରେ କଂଗ୍ରେସର ବହୁ ବରିଷ୍ଠ ନେତା ସାମିଲ ହୋଇଥିଲେ । ଦିନ ୧୧ଟାରେ ସ୍ଥାନୀୟ ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟ ପରିସରରେ କମିଟି ଉପସଭାପତି ଉମାକାନ୍ତ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଗୁରୁପ୍ରସାଦ ମହାନ୍ତି, ଶୁଶୀଲ କୁମାର ସାମଲ, ସ୍ୱାଧିନତା ସଂଗ୍ରାମୀ ନକୁଳ ଚରଣ ଦାସ, ଶରତ କୁମାର ବେହୁରା, ଗୋପାଳକୃଷ୍ଣ ଜେନା ଓ ସୁଖଦାନନ୍ଦ ପ୍ରଧାନ ସମ୍ମାନିୟ ଅତିଥିଭାବେ ଯୋଗଦେଇ ସ୍ୱର୍ଗତ ବିଶ୍ୱାଳଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ଡା. ବୈକୁଣ୍ଠନାଥ ପଣ୍ଡାଙ୍କୁ ସେବା ରତ୍ନ ଉପାଧିରେ ସମ୍ମାନିତ କରାଯାଇଥିଲା ।

## କଲେଜ ଛାତ୍ରୀଙ୍କଠାରୁ ଲୁଟ

ରାଜନଗର, ୭।୯(ଡି.ଏନ.ଏ.)

ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟର ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ବର୍ଷାରାଣୀ ମୁଦୁଲିଙ୍କ ଠାରୁ ଏକ ମୋବାଇଲ ଓ ଟଙ୍କା ଲୁଟି ନିଆଯାଇଛି। ବଗପାଟିଆ ଗାଁର ବର୍ଷାରାଣୀ ମାମୁଁଘର ମୁଗକଣିରେ ରହି ପାଠପଢନ୍ତି। ସେ ସାଇକେଲ ଯୋଗେ ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟକୁ ପାଠପଢିବାକୁ ଯାଆନ୍ତି। ଗତ ୫ ତାରିଖ ଗୁରୁଦିବସରେ ମହାବିଦ୍ୟାଳୟରୁ ଫେରୁଥିବା ବେଳେ ବାଘୁଆ-ତିଅର ରାସ୍ତା ମଝିରେ ଦୁଇଜଣ ଯୁବକ ଏକ ମୋଟର ସାଇକେଲରେ ଆସି ବର୍ଷାରାଣୀଙ୍କ ଭ୍ୟାନିଟ୍ ବ୍ୟାଗକୁ ଝାମ୍ପି ନେଇଥିଲେ। ସେ ପାଟି କରିଥିଲେ ମଧ ଘଟଣାସ୍ଥଳରୁ ଦୁଇଯୁବକ ଫେରାର ହୋଇଯାଇଥିଲେ। ତାଙ୍କ ଭ୍ୟାନିଟ୍‌ରେ ୧୫ ହଜାର ଟଙ୍କାର ମୋବାଇଲ, ନଗଦ ଟଙ୍କା ଓ ଯୁକ୍ତ ୨ର ସାର୍ଟିଫିକେଟ ଥିଲା । ରାଜନଗର ଥାନାରେ ମାମଲା ରୁଜୁ ହୋଇଛି।

## ■ ବର୍ଷା, ପବନରେ ଭୁଶୁଡ଼ିଲା କାନ୍ଥ

# ଅଳ୍ପକେ ବର୍ତ୍ତିଲେ ପରିବାରର ୫ ସଦସ୍ୟ

ମହାକଳପଡା,୭।୯(ଡି.ଏନ୍.ଏ.)


କ୍ଷତିଗ୍ରସ୍ତ ଶୈଳ ନାୟକଙ୍କ ପରିବାର।

ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ପ୍ରଭାବରେ ମହାକାଳପଡା ବ୍ଲକ ପେଟ୍‌ଛେଲା ପଞ୍ଚାୟତ ଅନ୍ତର୍ଗତ ଲୁଣିମାଠିଆସ୍ଥିତ ଆଦିବାସୀ ଶବରପଡା ଗ୍ରାମରେ ଶୁକ୍ରବାର ରାତିରେ ପ୍ରବଳ ବର୍ଷା ସହ ପବନ ହୋଇଥିଲା । ଏଥିରେ ଗ୍ରାମର ଏକ ପରିବାରର ଘର କାନ୍ଥ ଭୁଶୁଡି ପଡ଼ିଛି। ଅଳ୍ପକେ ବିଧବା ଶୈଳ ନାୟକଙ୍କ ପରିବାର ସଦସ୍ୟ ମୃତ୍ୟୁମୁଖରୁ ବର୍ତ୍ତିଯାଇଛନ୍ତି। ସୂଚନାଯୋଗ୍ୟ, ଏହି ଗ୍ରାମର ଶୈଳ, ପୁଅ ଭଗୀ ନାୟକ, ବୋହୂ ସାଗତୀ ନାୟକ, ୨ ବର୍ଷର ନାତୁଣୀ ଚୁମୁକି ଓ ମାସକର ନାତୁଣୀ ରିଙ୍କି ରାତିରେ ଘରେ ଶୋଇଥିଲେ। ଏହି ସମୟରେ ହଠାତ୍ ବର୍ଷା ପବନ ହୋଇ ୨ ବଖରା ମାଟି କାନ୍ଥ ଭୁଶୁଡି ପଡ଼ିଥିଲା। କାନ୍ଥ ପଡ଼ିବା ପୂର୍ବରୁ ପରିବାର ଲୋକେ ଘର ବାହାରକୁ ଚାଲିଆସିବାକୁ ବିପଦରୁ ବର୍ତ୍ତି ଯାଇଥିଲେ। ତୁରନ୍ତ ବିପନ୍ନ ପରିବାରକୁ ସରକାରୀ ସାହାଯ୍ୟ ଓ ପଲିଥିନ ଯୋଗାଇ ଦେବା ପାଇଁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା କହିଛନ୍ତି, କାନ୍ଥ ଭୁଶୁଡିବାରେ ସମ୍ପର୍କରେ ତଦନ୍ତ କରାଯାଇ ଆଗାମୀ ପଦକ୍ଷେପ ନିଆଯିବ।

## ■ ଚାନ୍ଦା କମ୍ ଦେବାରୁ ବାପାଙ୍କୁ ଆକ୍ରମଣ

# ପରିବାରର ୩ ସଦସ୍ୟ ଗୁରୁତର

କେନ୍ଦ୍ରାପଡ଼ା ଅଫିସ, ୭।୯

କେନ୍ଦ୍ରାପଡ଼ା ଟାଉନ ଥାନା ଅନ୍ତର୍ଗତ ମହିପାଳ ଗ୍ରାମରେ ଗଣେଶ ପୂଜା ଚାନ୍ଦା କମ୍ ଦେବାରୁ ବାପାଙ୍କୁ ଭୁଜାଲିରେ ଆକ୍ରମଣ କରିଛି ପୁଅ। ଏଥିରେ ବାପା ପ୍ରଫୁଲ୍ଲ ସାହୁ ଗୁରୁତର ହୋଇଥିବା ବେଳେ ପ୍ରତିରୋଧ କରିବାକୁ ଯାଇ ସାନପୁଅ ଗୁରୁତର ହୋଇଛନ୍ତି। ବାପା ଓ ସାନଭାଇଙ୍କ ପ୍ରତିଆକ୍ରମଣରେ ଅଭିଯୁକ୍ତ ସୌମ୍ୟକାନ୍ତ ମଧ ଗୁରୁତର ହୋଇଛନ୍ତି।

ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି କେନ୍ଦ୍ରାପଡା ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଏନେଇ ପ୍ରଫୁଲ୍ଲଙ୍କ ୨ୟ ସ୍ତ୍ରୀ କୁନି ଶନିବାର ଟାଉନ ଥାନାରେଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ସୌମ୍ୟକାନ୍ତ ହେଉଛନ୍ତି ପ୍ରଫୁଲ୍ଲଙ୍କ ପ୍ରଥମ ସ୍ତ୍ରୀଙ୍କ ପୁତ୍ର। ସେ ଗଣେଶ ପୂଜା ଚାନ୍ଦା ବାବଦରେ ବାପାଙ୍କୁ ୫୦୦ ଟଙ୍କା ମାଗିଥିଲେ। ପ୍ରତିବର୍ଷ ଏହି ବାବଦରେ ୧୦୦ ଟଙ୍କା ଦିଆଯାଉ ଥିବା କହି ପ୍ରଫୁଲ୍ଲ ଏହି କଥାକୁ ଏଡାଇ ଦେଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ସୌମ୍ୟକାନ୍ତ ଭୁଜାଲିରେ ତାଙ୍କୁ ଆକ୍ରମଣ କରିଥିଲେ । ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ଏହି ଆକ୍ରମଣରେ ସୌମ୍ୟକାନ୍ତଙ୍କୁ ସାହାଯ୍ୟ କରିଥିଲେ। ଅପରପକ୍ଷେ ସମ୍ପତ୍ତିକୁ କେନ୍ଦ୍ର କରି ଦୀର୍ଘଦିନ ଧରି ପାରିବାରିକ ଗଣ୍ଡଗୋଳ ରହିଥିବା ବେଳେ ଶନିବାର ଉଗ୍ରରୂପ ଧାରଣ କରିଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଏନେଇ ଥାନାରେ ମାମଲା ରୁଜୁ କରାଯାଇ ପ୍ରାଥମିକ ତଦନ୍ତ ଜାରି ରହିଛି ବୋଲି ଥାନା ଅଧିକାରୀ ଜ୍ୟୋତିଶଙ୍କର ସାମନ୍ତରାୟ କହିଛନ୍ତି।

## ଛାତ୍ରଙ୍କୁ ମାଡ଼ ମାରି ଶିକ୍ଷୟିତ୍ରୀ ନିଲମ୍ବିତ

କେନ୍ଦ୍ରାପଡା ଅଫିସ, ୭।୯

ମହାକାଳପଡା ରାମନଗର ଉତ୍ତରପଡା ୟୁପି ସ୍କୁଲରେ ଜଣେ ଛାତ୍ରଙ୍କୁ ଶିକ୍ଷୟିତ୍ରୀ ମାଡ଼ମାରିଥିଲେ। ଏହି ଅଭିଯୋଗରେ ଜିଲାପାଳ ସମର୍ଥ ବର୍ମା ସମ୍ପୃକ୍ତ ସ୍କୁଲର ଶିକ୍ଷୟିତ୍ରୀ ଗୀତାରାଣୀ ମାଇତିଙ୍କୁ ଶନିବାର କାର୍ଯ୍ୟରୁ ନିଲମ୍ବନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ବିଇଓଙ୍କୁ ଜିଲାପାଳ ଚିଠି (ନଂ-୧୬୪୩) କରିଛନ୍ତି। ସୂଚନାଯୋଗ୍ୟ, ଶିକ୍ଷୟିତ୍ରୀ ମାଇତି ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ର ରାହୁଲ ବେହେରାଙ୍କୁ ଗତ ଅଗଷ୍ଟ ୧୭ରେ ଦୁଷ୍ଟାମି କରୁଥିବା ଅଭିଯୋଗରେ ମାଡ ମାରିଥିଲେ। ଏନେଇ ଅଭିଭାବକ ସ୍ଥାନୀୟ ଶିକ୍ଷା ଅଧିକାରୀ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ । ସୂଚନାଯୋଗ୍ୟ, ଶିକ୍ଷୟିତ୍ରୀ ମାଇତି ବିଦ୍ୟାଳୟର ତୃତୀୟ ଶ୍ରେଣୀ ଛାତ୍ର ରାହୁଲ ବେହେରାଙ୍କୁ ଗତ ଅଗଷ୍ଟ ୧୭ରେ ଦୁଷ୍ଟାମି କରୁଥିବା ଅଭିଯୋଗରେ ମାଡ଼ ମାରିଥିଲେ । ଏନେଇ ଅଭିଭାବକ ସ୍ଥାନୀୟ ଶିକ୍ଷା ଅଧିକାରୀ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ ।

## ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ

ଆଳି,୭।୯(ଡି.ଏନ୍.ଏ.)

ଆଳି ବ୍ଲକ ପକ୍ଷରୁ ଶନିବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଆଳି ପଞ୍ଚାୟତ ସମିତି ସଭାଗୃହ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ ଓ ବିଡିଓ ଜୟନ୍ତ ପୃଷ୍ଟି ଯୋଗଦେଇଥିଲେ । ଏହି ଅବସରରେ ଆଳି ବ୍ଲକର ୧୫ ପଞ୍ଚାୟତ ପାଇଁ ଆସିଥିବା ପ୍ରଧାନମନ୍ତ୍ରୀ ଆବାସର ଯୋଜନାର କାର୍ଯ୍ୟାଦେଶ ହିତାଧିକାରୀ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଓ ବ୍ଲକ କର୍ମଚାରୀ ପରିଚାଳନା କରିଥିଲେ ।

## ଏଇ ସପ୍ତାହର କାର୍ଯ୍ୟକ୍ରମ

୮।୯।୨୦୧୯ (ରବିବାର)
■ସ୍ୱାମୀ ଚିଦାନନ୍ଦ ଜୟନ୍ତୀ ଉତ୍ସବ। **ସ୍ଥାନ**-ଶିବାନନ୍ଦ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା, **ସମୟ**-ପୂର୍ବାହ୍ନ ୬ଟା

୧୦।୯।୨୦୧୯ (ମଙ୍ଗଳବାର)
■ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର। **ସ୍ଥାନ**- ବ୍ଲକ କାର୍ଯ୍ୟାଳୟ, ଗରଦପୁର, **ସମୟ**-ପୂର୍ବାହ୍ନ ୧୦ଟା।

୧୪।୯।୨୦୧୯ (ଶନିବାର)
■ମା' ମନସା ଦେବୀଙ୍କ ଅଷ୍ଟନାଗ ପୂଜାର୍ଚ୍ଚନା। **ସ୍ଥାନ**-ଦକ୍ଷିଣ ବର କୋଳିଖିଆ, ବଡିଘର, ମହାକାଳପଡ଼ା, **ସମୟ**- ପୂର୍ବାହ୍ନ ୬ଟା।
■ସିଦ୍ଧ ବାଲାବାବାଙ୍କ ଜନ୍ମ ଉତ୍ସବ। **ସ୍ଥାନ**-ବାଲାବାବା ମଠ, କେନ୍ଦ୍ରାପଡ଼ା,**ସମୟ**- ପୂର୍ବାହ୍ନ ୬ଟା
■ରାଷ୍ଟ୍ରୀୟ ହିନ୍ଦୀ ଦିବସ ପାଳନ। **ସ୍ଥାନ**-ଦୀନବନ୍ଧୁ ସାହୁ ଆଇନ କଲେଜ, କେନ୍ଦ୍ରାପଡ଼ା, **ସମୟ**- ପୂର୍ବାହ୍ନ ୧୧ଟା

## ଠାକୁର ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀ ପାଳିତ


ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ଜୟନ୍ତୀ ଅବସରରେ ଅନୁଷ୍ଠିତ ସତ୍‌ସଙ୍ଗ।

ପଟ୍ଟାମୁଣ୍ଡାଇ,୭।୯(ସ୍ୱ.ପ୍ର)

ଶନିବାର ସନ୍ଧ୍ୟାରେ ବଙ୍ଗାଳୀ ସାହି ସଂଘ ପକ୍ଷରୁ ଠାକୁର ଶ୍ରୀ ଶ୍ରୀ ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଜୟନ୍ତୀ ପାଳିତ ହୋଇଛି । ଏହି ଅବସରରେ ଅନୁଷ୍ଠିତ ସତ୍‌ସଙ୍ଗ ଉତ୍ସବରେ କଟକ ବଡମ୍ବା ଅଞ୍ଚଳର ଋତ୍ୱିକ୍ ରବୀନ୍ଦ୍ର ପରିଡା ଯୋଗଦେଇ ଠାକୁର ଅନକୂଳଚନ୍ଦ୍ରଙ୍କ ବାଣୀ ଓ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ । ଠାକୁରଙ୍କ ବାଣୀ ଦୈନନ୍ଦିନ ଜୀବନରେ ପାଳନ କଲେ ଜୀବନ ସାର୍ଥକ ହୋଇଥାଏ ବୋଲି ପରିଡା କହିଥିଲେ । ଏହି ସତ୍‌ସଙ୍ଗରେ ସହ ପ୍ରତି ଋତ୍ୱିକ୍ ଗୁରୁଚରଣ ନାୟକ, ରବୀନ୍ଦ୍ର ଦାଶ ପ୍ରମୁଖ ଯୋଗଦେଇ ଠାକୁରଙ୍କ ନୀତି ଆଦର୍ଶ ଉପରେ ଆଲୋକପାତ କରିଥିଲେ । ବଙ୍ଗାଳୀ ସାହି ସଂଘର ବ୍ରଜ ଦାସ, ସୁନୀଲ ଦାସ, ବିଶ୍ୱଜିତ ଦାସ, ଦୀପକ ଦାସ, ସନ୍ଦୀପ ଦାସଙ୍କ ସମେତ ମହିଳାମାନେ ସହଯୋଗ କରିଥିଲେ ।

# ଗଣେଶ ଭସାଣି ଉତ୍ସବ ଶେଷ

କେନ୍ଦ୍ରାପଡା ଅଫିସ, ୭।୯

କେନ୍ଦ୍ରାପଡା ସହରର ୨୩ ମଣ୍ଡପରେ ପୂଜା ପାଉଥିବା ଶ୍ରୀଗଣେଶଙ୍କ ମୃଣ୍ମୟ ପ୍ରତିମାର ଭସାଣି ଉତ୍ସବ ଶନିବାର ରାତି ୧୦ଟା ସୁଦ୍ଧା ଶେଷ ହୋଇଛି । ଏହି ଉତ୍ସବରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା । ଶୁକ୍ରବାର ରାତିରେ ବିଭିନ୍ନ ପୀଠରେ ଶ୍ରୀଗଣେଶଙ୍କ ଆହ୍ୱାନ ବିସର୍ଜନ କରାଯାଇ ଥିଲା । ଶନିବାର ପୂର୍ବାହ୍ନରେ ଖଡିଅଙ୍ଗ ଥାନପତି ଶ୍ରୀଗଣେଶ ପ୍ରଥମେ ସହର ପରିକ୍ରମା କରିଥିଲେ । ପରେ ଅନ୍ୟ ପୀଠରେ ପୂଜା ପାଇଥିବା ଠାକୁରଙ୍କ ଶୋଭାଯାତ୍ରା ବାହାରିଥିଲା । ସହରର ବାଲା ବାବା ୟୁଥକ୍ଲବ, ଅନ୍ନପୂର୍ଣ୍ଣା ୟୁଥକ୍ଲବ, ବଣିଆସାହି, କାକଟ, ବଡ଼ହାଟର ରାଧାକୃଷ୍ଣ, ବାସୁଳାଇ ପୂଜା କମିଟି, ଚଉରି ବରହମପୁର, ବଡହାଟର ବଜରଙ୍ଗ ଓ ସୁନାଇଲୋ ପୂଜା କମିଟି ପକ୍ଷରୁ ଷୋଡ଼ଶ ଉପଚାରରେ ଗଣେଶଙ୍କ ମୃଣ୍ମୟ ମୂର୍ତ୍ତି ପୂଜା କରାଯାଇଥିଲା। ସେହିପରି ଜୟିପୁରା, ମଡିଆଳ, ମନକରପୁର, ଥାନାଛକ, କେଶପୁର ବଜାର, ଗୋପ ପାଦପଦ୍ମ, ଅଯୋଧ୍ୟା ନଗର, ସାନ୍ତସାହି, ବଳଗଣ୍ଡି, ନସଡିପୁର, ଟାଉନ ବଳରାମପୁର ଓ ଅମରେଶ୍ୱର ପ୍ରମୁଖ ପୂଜା କମିଟି ପକ୍ଷରୁ ଷୋଡ଼ଶ ଉପଚାରରେ ଗଣେଶ ଚତୁର୍ଥୀଠାରୁ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଭସାଣୀ ଅବସରରେ ସହରର ପୁରୁଣା ବସଷ୍ଟାଣ୍ଡଠାରେ ମେଳଣ ଆୟୋଜନ କରାଯାଇଥିଲା ।


ଗଣେଶଙ୍କ ଭସାଣି ଶୋଭାଯାତ୍ରା।

## ଡେଙ୍ଗୁରେ ଜଣେ ମୃତ

ରାଜକନିକା, ୭।୯(ଡି.ଏନ୍.ଏ.)

ଡେଙ୍ଗୁରେ ଆକ୍ରାନ୍ତ ହୋଇ ଶନିବାର ରାଜକନିକା ବ୍ଲକରେ ଜଣଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବରାଡିଆ ପଞ୍ଚାୟତ ଅନ୍ତର୍ଗତ ମଧୁପଡ଼ା ଗ୍ରାମର ବିରେନ୍ଦ୍ର ନାୟକ(୪୦)। ସେ ଆକ୍ରାନ୍ତ ହୋଇ ଗତ ୨ ଦିନ ହେବ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ସେହିପରି ଏହି ପଞ୍ଚାୟତ ଅନ୍ତର୍ଗତ ବାଙ୍ଗରକୁଆଁ ଗ୍ରାମର ସଞ୍ଜୟ ରାଉତ ମଧ ଏଥିରେ ଆକ୍ରାନ୍ତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗତ ୩ ତାରିଖରେ ଏହି ବ୍ଲକ ଅନ୍ତର୍ଗତ ଅବଦୁଲପୁର ଗ୍ରାମର ପୁରୁଷୋତ୍ତମ ସାହୁଙ୍କ ପୁତ୍ର ଦୀପକ(୩୦)ଙ୍କ ଗୁଜରାଟରେ ମୃତ୍ୟୁ ଘଟିଥିଲା। ଏନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିବାବେଳେ ସ୍ୱାସ୍ଥ୍ୟବିଭାଗ ଏଥିପ୍ରତି ଧ୍ୟାନ ଦେବାକୁ ସାଧାରଣରେ ଦାବି ହୋଇଛି।



ଥରେ ଖ୍ୟାତି ଅର୍ଜନ କରିଗଲେ ତାକୁ
ଜୀବନ ତମାମ ଧରି ରଖିବା ଭାରି କଷ୍ଟ।
- ଭଲଟାୟର



## ସଂକ୍ଷେପରେ

### ଗଡ଼ମଧୁପୁରରେ ଗୋରୁଙ୍କୁ ଚର୍ମ ବିଣ୍ଡି ବସନ୍ତ ରୋଗ

ଚଢ଼େଇଧରା,୭।୯(ଡି.ଏନ୍.ଏ.): ଯାଜପୁର ଜିଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ମଧୁପୁର ପଞ୍ଚାୟତର କୁକୁଡ଼ାଖାଲି, ଭୁବନପୁର, ଚଢ଼େଇଧରା, ରଗଡ଼ିପଶି ଗ୍ରାମରେ ବହୁ ଗୋରୁଗାଈ ଚର୍ମବିଣ୍ଡି ବସନ୍ତ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ଏହା ଏକ ଭୁତାଣୁ ଜନିତ ରୋଗ ହୋଇଥିବାରୁ ଦ୍ରୁତ ଗତିରେ ବ୍ୟାପୁଛି। ଫଳରେ ଲୋକମାନେ ଚିନ୍ତାରେ ପଡ଼ି ଯାଇଛନ୍ତି। ଏହି ରୋଗରେ ଆକ୍ରାନ୍ତ ହୋଇଥିବା ଗୋରୁଗାଈଙ୍କ ଦେହରେ ଆବୁ ସୃଷ୍ଟି ହେବା ସହ ଗୋଡ଼ ଫୁଲି ଯାଉଛି। ଗୋରୁଗାଈଗୁଡ଼ିକ ଭଲରେ ଚାଲିପାରୁ ନାହାନ୍ତି ଏବଂ କିଛି ଖାଇପାରୁ ନାହାନ୍ତି। ପ୍ରାଣୀ ଚିକିତ୍ସା ବିଭାଗ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଲୋକମାନେ ବାଧ ହୋଇ ନିଜେ ଖର୍ଚ୍ଚ କରି ବାହାରୁ ଔଷଧ ଆଣି ଚିକିତ୍ସା କରୁଛନ୍ତି। ଗୋଟିଏ ଗୋଟିଏ ଗାଈଙ୍କୁ ଚିକିତ୍ସା ପାଇଁ ଔଷଧ ଇଞ୍ଜେକ୍ସନ୍ ବାବଦକୁ ୧୦୦୦ ରୁ ୧୫୦୦ ଟଙ୍କା ଖର୍ଚ୍ଚ ହେଉଛି। ଏଥିପାଇଁ ଜିଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

### ବୈତରଣୀ କୂଳରୁ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର

ଯାଜପୁର ରୋଡ,୭।୯(ନି.ପ୍ର): କୋରେଇ ବ୍ଲକ ମୂଳାପାଳ ପଞ୍ଚାୟତ ବରପଦା ଗ୍ରାମର ଅଲେଇବାଙ୍କ ନିକଟରେ ବୈତରଣୀ ନଦୀକୂଳରୁ ଜଣେ ମହିଳାଙ୍କ ଗଳିତ ମୃତଦେହ ଉଦ୍ଧାର ହୋଇଛି। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି। ମୃତ ମହିଳା କେନ୍ଦୁଝର ଜିଲା ନନ୍ଦୀପଦା ଥାନା ଯାବିନିପୁର ଗ୍ରାମର ପ୍ରଶାନ୍ତ ସେନାପତିଙ୍କ ସ୍ତ୍ରୀ ନିରୁପମା(୫୧) ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ବୈତରଣୀ ନଦୀରେ ବନ୍ୟାଜଳ ପ୍ରବେଶ କରିଥିବାବେଳେ ଶନିବାର ସକାଳୁ ଜଣେ ମହିଳାଙ୍କ ମୃତଦେହ ନଦୀକୂଳରେ ଲାଗିଥିବା ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପରେ ପୋଲିସ ସେଠାରେ ପହଞ୍ଚି ମହିଳାଙ୍କ ମୃତଦେହକୁ ଜବତ କରିଥିଲା। ନିରୁପମା ଗତ ସୋମବାର ନଦୀକୁ ଗାଧୋଇବାକୁ ଯାଇଥିବାବେଳେ ଗୋଡ ଖସିଯିବାରୁ ନିଖୋଜ ହୋଇଯାଇଥିଲେ। ତାଙ୍କୁ ବହୁ ଖୋଜାଖୋଜି ପରେ ପରିବାର ପକ୍ଷରୁ ନନ୍ଦୀପଦା ଥାନାରେ ଅଭିଯୋଗ ହୋଇଥିଲା। ଏନେଇ ଏକ ନିଖୋଜ ମାମଲା ରୁଜୁ ହୋଇଥିଲା। ଖବର ପାଇ ପରିବାର ଲୋକେ ପହଞ୍ଚି ତାହା ନିରୁପମାଙ୍କ ମୃତଦେହ ବୋଲି ଚିହ୍ନଟ କରିଥିଲେ।

### ଦୁର୍ଘଟଣାରେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ

ଛତିଆ,୭।୯(ଡି.ଏନ୍.ଏ.): ୧୬ ନଂ ଜାତୀୟ ରାଜପଥ ରଙ୍ଗୀଦାସପୁର ଛକ ନିକଟରେ ଦୁର୍ଘଟଣାରେ ଜଣେ ଅଚିହ୍ନା ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ଗତ କିଛି ଦିନ ହେବ ବୈରୀ ଥାନା ଅନ୍ତର୍ଗତ ଛତିଆ ଅଞ୍ଚଳରେ ଜଣେ ମାନସିକ ବିକୃତ ବ୍ୟକ୍ତି ବୁଲାବୁଲି କରନ୍ତି। ଶୁକ୍ରବାର ବିଳମ୍ବିତ ରାତିରେ କୌଣସି ଏକ ଗାଡ଼ି ତାଙ୍କୁ ଧକ୍କା ଦେବା ଫଳରେ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଶନିବାର ସକାଳୁ ପାଟ୍ରୋଲିଂ କରୁଥିବା ସମୟରେ ବୈରୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହିତ ଏକ ଅପମୃତ୍ୟୁ ମାମଲା(୧୮/୧୯) ରୁଜୁ କରି ବ୍ୟବଚ୍ଛେଦ ପାଇଁ ପଠାଇଛି।

## ■ତଦନ୍ତ ଆଳରେ କାଳିଆ ସହାୟତା ପ୍ରଦାନରେ ବିଳମ୍ବ

# ଚୂଡ଼ାନ୍ତ ରିପୋର୍ଟରେ ସ୍ୱଚ୍ଛତା ନେଇ ପ୍ରଶ୍ନବାଚୀ

ରସୁଲପୁର,୭।୯(ଡିଏନଏ)

ସମୟ ଗଡି ଚାଲିଛି, ହେଲେ କାଳିଆ ଦ୍ୱନ୍ଦ୍ୱ ତୁଟୁନି। ତଦନ୍ତ ଆଳରେ ସରକାର ପ୍ରକୃତ ଚାଷୀଙ୍କ ଜମାଖାତାକୁ ଟଙ୍କା ଦେବେରେ ବିଳମ୍ବ କରୁଛନ୍ତି। ସରକାର ଏହି ଯୋଜନାରୁ ଅଯୋଗ୍ୟଙ୍କୁ ବାଛି ବାଦ୍ ଦେବା ଆଳରେ ମାସାଧିକ କାଳ ବିତିଗଲାଣି। ତଦନ୍ତ ଦାୟିତ୍ୱରେ ଥିବା ଅଧିକାରୀମାନେ ଯେନତେନ ଉପାୟରେ ରିପୋର୍ଟ ଦାଖଲ କରି କାମ ସାରିଦେଇଛନ୍ତି। ହେଲେ ରିପୋର୍ଟରେ ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହା ସମଗ୍ର ରାଜ୍ୟର ସମସ୍ୟା ହୋଇଥିବାବେଳେ ଯାଜପୁର ଜିଲା ରସୁଲପୁର ବ୍ଲକ ଭଳି ଏକ କୃଷି ପ୍ରଧାନ ଅଞ୍ଚଳରେ ଅନେକ ଆବେଦନକାରୀ ସହାୟତା ପାଇବାକୁ ଅପେକ୍ଷା କରି ରହିଛନ୍ତି। ତଦନ୍ତବେଳେ ଅଯୋଗ୍ୟ ନୁହେଁ ବରଂ ଯୋଜନା ହଡ଼ପକାରୀଙ୍କୁ ଠାବ କରାଯାଇଛି। ମାତ୍ର ପ୍ରକୃତ ଚାଷୀଙ୍କୁ ଠାବ କରିବାରେ ଅଧିକାରୀ ବିଫଳ ହୋଇଥିବା କୁହାଯାଉଛି। ଏଥିପାଇଁ ଚାଷୀଙ୍କୁ ନେଇ ସରକାରଙ୍କ ଅସ୍ୱଷ୍ଟ ନୀତିକୁ ଦାୟୀ କରାଯାଉଛି। ଏଭଳି ସ୍ଥିତିରେ ଯୋଜନା ସଫଳ ହେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

୨୦୧୧ ଜନଗଣନା ଅନୁଯାୟୀ, ରସୁଲପୁର ବ୍ଲକରେ ୩୬,୮୯୩ ପରିବାର ରହିଛି। ହେଲେ ୨୦୧୯ରେ କାଳିଆ ଯୋଜନା ଆବେଦନକାରୀଙ୍କ ସଂଖ୍ୟା ୫୦ହଜାର ଛୁଇଁଥିଲା। ଗୋଟିଏ ପରିବାର ବାପା, ପୁଅ, ମା, ଝିଅ ପୃଥକ ପୃଥକ ଭାବେ ଆବେଦନ କରିବାରୁ ଏଭଳି ଘଟିଥିବା କୁହାଯାଉଛି। ଏହାଛଡ଼ା କାଳିଆ ଆବେଦନକାରୀ ଓ ଅଯୋଗ୍ୟ ହିତାଧିକାରୀଙ୍କୁ ନେଇ କୃଷି ବିଭାଗ ପକ୍ଷରୁ କୌଣସି ସ୍ୱଷ୍ଟ ସୂଚନା ପ୍ରଦାନ କରାଯାଉ ନାହିଁ। ଏହି ବ୍ଲକ ପାଇଁ କାଳିଆ ଯୋଜନା ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀ

**ରସୁଲପୁର ବ୍ଲକ**
- ■ପ୍ରକୃତ ଚାଷୀଙ୍କୁ ଠାବ କରିବାରେ ଅଧିକାରୀ ବିଫଳ
- ■ଗୋଟିଏ ପରିବାରରୁ ଏକାଧିକ ବ୍ୟକ୍ତି କରିଥିଲେ ଆବେଦନ
- ■ନିର୍ଦ୍ଧାରିତ ସମୟରେ ଦାଖଲ ହୋଇ ନ ଥିଲା ତଦନ୍ତ ରିପୋର୍ଟ

ତୁଷାରକାନ୍ତି ସେଠୀଙ୍କୁ ପଚାରିବାରୁ, ତଦନ୍ତ ଆଳ ଦେଖାଇ କୌଣସି ସ୍ୱଷ୍ଟ ସୂଚନା ଦେବାକୁ ମନା କରିଦେଇଛନ୍ତି। ମାତ୍ର କାଳିଆ ତାଲିକାରେ ବିଶେଷ କିଛି ପରିବର୍ତ୍ତନ ଘଟିବ ନାହିଁ ବୋଲି କହିଛନ୍ତି। କେବଳ କମ୍ ବୟସର ପିଲା, ମୃତବ୍ୟକ୍ତି, ସରକାରୀ ଚାକିରିଆ ଆଦିଙ୍କୁ ବାଦ୍ ଦେଲେ ସମସ୍ତଙ୍କୁ ଯୋଗ୍ୟ କରିଦିଆଯାଇଛି ବୋଲି କହିଛନ୍ତି। ପୂର୍ବରୁ କାଳିଆ ଟଙ୍କା ପାଇଥିବା ପରିବାର ମଧ୍ୟରୁ ୧୩୯୨ ହିତାଧିକାରୀ ଚିହ୍ନଟ କରାଯାଇଛି ବୋଲି କୁହାଯାଉଛି। ହେଲେ ସେମାନଙ୍କ ମଧ୍ୟରୁ କେତେଜଣ ଟଙ୍କା ଫେରାଇଲେଣି ତାହା ଏବେ ବି ଅସ୍ୱଷ୍ଟ। ଏହାଛଡା ଗୋଟିଏ ପରିବାରରୁ ଏକାଧିକ ବ୍ୟକ୍ତି ଯୋଜନାରେ ସାମିଲ ହୋଇଥିଲେ। ଫଳରେ ପୂର୍ବରୁ ଧାର୍ଯ୍ୟ ହୋଇଥିବା ସମୟ ମଧ୍ୟରେ ତଦନ୍ତ ସରି ନ ଥିଲା। ପୁଣି ସରକାର ତଦନ୍ତ ଅବଧିକୁ ବଢାଇଥିଲେ। ଅଗଷ୍ଟ ୨୭ରେ ପ୍ରତ୍ୟେକ ବ୍ଲକରୁ ତଦନ୍ତ ରିପୋର୍ଟ ଜିଲାକୁ ପ୍ରଦାନ କରାଯିବ ଓ ପରେ ୨୯ରେ ଜିଲାରୁ ରାଜ୍ୟକୁ ପଠାଯିବ। ଅଗଷ୍ଟ ୩୧ ସୁଦ୍ଧା ଏ ନେଇ ଚୂଡାନ୍ତ ତାଲିକା ପ୍ରକାଶ ପାଇବ ବୋଲି ନିର୍ଦ୍ଦେଶ ଦିଆଯାଇଥିଲା। ହେଲେ ନିର୍ଦ୍ଧାରିତ ସମୟରେ ତଦନ୍ତ ରିପୋର୍ଟ ଦାଖଲ କରାଯାଇ ନ ଥିଲା। ଉପରିସ୍ଥ ଅଧିକାରୀଙ୍କ କଡା ନିର୍ଦ୍ଦେଶ ପରେ ଗତ ୧ ତାରିଖରେ ତରବରିଆ ଭାବେ ରିପୋର୍ଟ ଦାଖଲ କରାଯାଇଛି ବୋଲି ସୂଚନା ମିଳୁଛି। ଏହି ଯୋଜନାକୁ ନେଇ ନୋଡାଲ ଅଧିକାରୀ ମୁହଁ ଖୋଲିବାକୁ ନାରାଜ। ବିଡିଓ ଉମାକାନ୍ତ ପରିଡାଙ୍କୁ ପଚାରିବାରୁ, ସେ କେବଳ ରିପୋର୍ଟରେ ଦସ୍ତଖତ କରିଛନ୍ତି। ମାତ୍ର ତଦନ୍ତ ଅଧିକାରୀଙ୍କ ନିକଟରେ ତଥ୍ୟ ଅଛି ବୋଲି ସୂଚନା ଦେଇଛନ୍ତି। ଅଧିକାରୀମାନେ ଏ ସମ୍ପର୍କିତ ତଥ୍ୟ ଲୁଚାଇବାକୁ ପ୍ରୟାସ କରୁଥିବା କୁହାଯାଉଛି। କାଳିଆ ଯୋଜନାର ଚୂଡାନ୍ତ ତାଲିକାରେ ସ୍ଥାନ ପାଇଥିବା ହିତାଧିକାରୀଙ୍କ ନାମ ପଞ୍ଚାୟତସ୍ତରରେ ପ୍ରକାଶ କରିବାକୁ ସାଧାରଣରେ ଦାବି ହେଉଛି।

## ସାହସିକତା ପୁରସ୍କାର ପାଇଁ ୨ ଛାତ୍ରଙ୍କ ନାମ ସୁପାରିସ

ଯାଜପୁର ଟାଉନ,୭।୯(ଡିଏନଏ)

କୋରେଇ ବ୍ଲକ ସାଦକପୁର ପ୍ରାଥମିକ ବିଦ୍ୟାଳୟର ଜଣେ ୬ଷ୍ଠ ଶ୍ରେଣୀ ଛାତ୍ର ଗଣେଶ ପୂଜାଦିନ ପୋଖରୀରେ ବୁଡ଼ି ଯାଉଥିବାବେଳେ ୨ଜଣ ୮ମ ଶ୍ରେଣୀ ଛାତ୍ର ତାଙ୍କୁ ଉଦ୍ଧାର କରିଥିଲେ। ନିଜ ଜୀବନକୁ ବାଜି ଲଗାଇ ଉକ୍ତ ଦୁଇ ଛାତ୍ରଙ୍କ ଏଭଳି କାର୍ଯ୍ୟ ପ୍ରଶଂସନୀୟ ହୋଇଥିଲା। ଶନିବାର ଜିଲାପାଳ ରଞ୍ଜନ କୁମାର ଦାସ ଉଦ୍ଧାର କରିଥିବା ଏହି ୨ ଛାତ୍ରଙ୍କୁ ରାଜ୍ୟ ଓ ଜାତୀୟ ସାହସିକତା ପୁରସ୍କାର ପ୍ରଦାନ ପାଇଁ ରାଜ୍ୟ ଗୃହ ବିଭାଗ ପ୍ରମୁଖ ସଚିବଙ୍କୁ ଚିଠି ଲେଖିଥିବା ଜଣାପଡିଛି। ସୂଚନା ଯେ, ଗତ ୨ତାରିଖ ଦିନ ଗଣେଶ ପୂଜା ଦିନ ସାଦକପୁର ପ୍ରାଥମିକ ବିଦ୍ୟାଳୟର ଅବଦୁଲ ନଜିମ୍ ଖାଁଙ୍କ ୬ବର୍ଷର ଶିଶୁପୁତ୍ର ଘରକୁ ଫେରୁଥିବାବେଳେ ସ୍କୁଲ ନିକଟରେ ଥିବା ଏକ ପୋଖରୀରେ ଗଳି ପଡିଥିଲେ। ଏହି ସମୟରେ ଏହି ରାସ୍ତା ଦେଇ ୮ମ ଶ୍ରେଣୀରେ ପଢୁଥିବା ୨ ଛାତ୍ର ସେକ୍ ତସିଫ୍ ରାଜା ଓ ମହମ୍ମଦ ସୋଏବ ନିଜ ଜୀବନକୁ ବିପନ୍ନ କରି ପୋଖରୀକୁ ଡ଼େଇଁ ତାଙ୍କୁ ଉଦ୍ଧାର କରିଥିଲେ। ଏହି ଘଟଣାଟି ସମଗ୍ର ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏହି ୨ ଛାତ୍ରଙ୍କୁ ସାହସିକତା ପୁରସ୍କାର ପ୍ରଦାନ ପାଇଁ ସ୍ଥାନୀୟ ଅଞ୍ଚଳରେ ମଧ୍ୟ ଦାବି ହୋଇଥିଲା।

## ଟୋଲଗେଟ୍‌ରେ ମଦ୍ୟପାନ କରିଥିବା ଗାଡି ଚାଳକଙ୍କୁ ଯାଞ୍ଚ

ଧର୍ମଶାଳା,୭।୯:(ଡିଏନଏ)


ମଦ୍ୟପାନ କରିଥିବା ଜଣେ ଡ୍ରାଇଭରଙ୍କୁ ପୋଲିସ ଯନ୍ତ୍ର ସାହାଯ୍ୟରେ ଯାଞ୍ଚ କରୁଛି।

କେନ୍ଦ୍ର ସରକାର ନୂଆ ଟ୍ରଫିକ ନିୟମ ଲାଗୁ କରିବା ପରେ ରାଜ୍ୟବ୍ୟାପୀ ଗାଡ଼ି ଯାଞ୍ଚ ପ୍ରକ୍ରିୟା କଡ଼ାକଡ଼ି ହେଉଛି। ପୋଲିସ ମହାନିର୍ଦ୍ଦେଶକଙ୍କ ନିର୍ଦ୍ଦେଶ କ୍ରମେ ଶୁକ୍ରବାରଠାରୁ ପ୍ରତ୍ୟେକ ଟୋଲ୍‌ଗେଟ ନିକଟରେ ମଦ୍ୟପ ଚାଳକଙ୍କୁ ଦମନ କରିବାକୁ ଯାଞ୍ଚ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହିକ୍ରମରେ ଧର୍ମଶାଳା ଥାନା ଅଧିକାରୀ ସରୋଜ ସାହୁଙ୍କ ନେତୃତ୍ୱରେ ଏସ୍‌ଆଇ ଜେନିମା ସାମଲ, ଏଏସ୍‌ଆଇ ନିରଞ୍ଜନ ବେହେରା, ରାଜ କିଶୋର ନାୟକ, କନଷ୍ଟେବଳ ନଳିନୀକାନ୍ତ ବରାଳ ଓ ତପନ ଓରାମ ପ୍ରମୁଖ କଣ୍ଟିଗଡିଆ ନିକଟସ୍ଥ ଶ୍ରୀରାମପୁର ଟୋଲଗେଟ୍‌ରେ ଶୁକ୍ରବାର ରାତିରେ ଯାଞ୍ଚ କରିଥିଲେ। ଯେଉଁଥିରେ ପୋଲିସ ୪୦ ଟ୍ରକ୍ ଡ୍ରାଇଭର, ୨୫ଟି କାର୍ ଚାଳକ ଓ ୩୧ଗୋଟି ବାଇକ ଆରୋହୀଙ୍କୁ ଯାଞ୍ଚ କରିଥିଲେ। ବାଲିଚନ୍ଦ୍ରପୁର ଥାନା ଅର୍ନ୍ତଗତ ଚାରିନଙ୍ଗଳ ଗ୍ରାମର ମାୟାଧର ବେହେରା(୨୭) ଓଡି୦୪ଜେ-୦୫୨୬ ନମ୍ବରବାଇକ ଚଳାଇଯାଉଥିବାବେଳେ ପୋଲିସ ତାଙ୍କୁ ତନଖି କରିବାରୁ ସେ ମଦ୍ୟପାନ କରିଥିବା ଜାଣିବାକୁ ପାଇଥିଲା। ପୋଲିସ ତାଙ୍କୁ ଧରି ଆଣି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ପରୀକ୍ଷା କରିବା ପରେ ଗିରଫ କରିଥିଲା। ଏନେଇ ପୋଲିସ ଏକ ମାମଲା ରୁଜୁ କରି ମାୟାଧରଙ୍କୁ କୋର୍ଟଚାଲାଣ କରିଥିବା ଜଣାପଡିଛି। ବିଭିନ୍ନ ସ୍ଥାନରେ ନୂତନ ଅପରପକ୍ଷରେ ମୋଟରଯାନ ଆଇନ କାର୍ଯ୍ୟକାରୀ କରିବାକୁ ପୋଲିସ ପକ୍ଷରୁ କରାଯାଉଥିବା ଜୁଲମ୍‌କୁ କଂଗ୍ରେସ ଦଳ ପକ୍ଷରୁ ବିରୋଧ କରାଯାଇଛି। ଧର୍ମଶାଳା ବ୍ଲକର ପୂର୍ବତନ ଅଧ୍ୟକ୍ଷ କିଶାନ ପଣ୍ଡା ଏକ ପ୍ରେସ୍ ବିବୃତ୍ତିରେ ଅଭିଯୋଗ କରି କହିଛନ୍ତି ଯେ ମୋଟରଯାନ ଆଇନ କାର୍ଯ୍ୟକାରୀ ପୂର୍ବରୁ ପର୍ଯ୍ୟାପ୍ତ ସମୟ ଦିଆଯିବା ଅବଶ୍ୟକ ଥିଲା ବୋଲି କହିଛନ୍ତି ।

## ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଉଦ୍‌ଘାଟିତ

ଧର୍ମଶାଳା,୭।୯(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅଧିନସ୍ଥ କଳ୍ପତରୁ ଦାସ ଷ୍ଟାଡିୟମ ପରିସରରେ ୩୪ତମ ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା ଶନିବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରତିଯୋଗିତାକୁ ଓଡ଼ିଶା ଟାଏକୋଣ୍ଡୋସଙ୍ଘର ସଭାପତି କୃଷ୍ଣ ଚନ୍ଦ୍ର ଦାସ ଓ ସାଧାରଣ ସମ୍ପାଦକ ସନ୍ତୋଷ କୁମାର ମହାନ୍ତି ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଛନ୍ତି। ଅନୁଷ୍ଠିତ ପ୍ରତିଯୋଗିତାରେ ରାଜ୍ୟର ୩୦ଟି ଜିଲାରୁ ୫ଶହରୁ ଉର୍ଦ୍ଧ୍ୱ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି। ଉକ୍ତ ଖେଳକୁ ୬୫ଜଣ ପରିଚାଳନା କରିବେ। ୩ଦିନ ବ୍ୟାପୀ ଏହି ପ୍ରତିଯୋଗିତାରେ ବିଭିନ୍ନ ବର୍ଗର ବାଳିକାବାଳକମାନେ ଅଂଶ ଗ୍ରହଣ କରିଛନ୍ତି। ୯ତାରିଖରେ ଏହି ପ୍ରତିଯୋଗିତା ଉଦ୍‌ଯାପିତ ହେବ ବୋଲି ଯାଜପୁର ଜିଲା ଟାଏକୋଣ୍ଡୋ ଆସୋସିଏଶନ ସଭାପତି ସମୀର କୁମାର ମହାନ୍ତି ଓ ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତି ସୂଚନା ଦେଇଛନ୍ତି।

### ଜିଲାରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ବୋଲି ମାନିଲେ ଜିଲାପାଳ

## ୫-ଟିକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଚିଠି

ଯାଜପୁର ଟାଉନ,୭।୯(ଡିଏନଏ)

ଜିଲା ମୁଖ୍ୟ ଚିକିତ୍ସାଳୟରେ ଉନ୍ନତମାନର ରୋଗୀସେବା ନିମନ୍ତେ ୫-ଟିକୁ ଗୁରୁତ୍ୱ ଦେଇ କାର୍ଯ୍ୟ କରିବାକୁ ଯାଜପୁର ଜିଲାପାଳ ରଞ୍ଜନ କୁମାର ଦାସ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଶନିବାର ଚିଠି ଲେଖିଥିବା ଜଣାପଡିଛି। ଚିଠି (ନଂ. ୩୭୬/୭।୯।୨୦୧୯)ରେ ଜିଲାପାଳ ମୋ ସରକାର ଯୋଜନା ଅନ୍ତର୍ଭୁକ୍ତ ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ର ଏବଂ ଡାକ୍ତରଙ୍କ ପାଇଁ ୫-ଟି ଲାଗୁ କରିଥିବା ଜଣାପଡିଛି। ଖୋଦ୍ ଜିଲାପାଳ ଏହି ଚିଠିରେ ଯାଜପୁର ମୁଖ୍ୟ ଚିକିତ୍ସାଳୟର ଅନୁନ୍ନତ ସ୍ୱାସ୍ଥ୍ୟ ସେବା ନେଇ ଚିନ୍ତା ପ୍ରକଟ କରିଛନ୍ତି। ସେହିପରି ଡାକ୍ତରମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ନିୟମିତ ଠିକ୍ ସମୟରେ ପହଞ୍ଚି ନ ଥିବା, ରୋଗୀଙ୍କ ପାଇଁ ଆଉଟ୍‌ଡୋର ଓ ଅପରେସନ୍ ଥିଏଟରଗୁଡିକ ଠିକ୍‌ଭାବେ କାର୍ଯ୍ୟକାରୀ କରିବା, ଦଲାଲ ଓ ଘରୋଇ ଆମ୍ବୁଲାନ୍ସଗୁଡିକ ଉପରେ ନଜର ରଖିବା ସାଙ୍ଗକୁ ଡାକ୍ତରମାନେ ନିରାମୟ ମେଡିସିନ୍ ଉପରେ ଗୁରୁତ୍ୱାରୋପ କରିବା, ରେଡକ୍ରସ ଓ ଡିଏମ୍ଏଫ ପରି ବିଭାଗର ଅର୍ଥ ରାଶିକୁ ଖର୍ଚ୍ଚ କରି ରୋଗୀ ସେବାକୁ କିପରି ଉନ୍ନତ କରିହେବ ସେ ନେଇ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଚିଠି ଲେଖିଛନ୍ତି। ଏହା ସହିତ ୭ଦିନ ମଧ୍ୟରେ ଉପରୋକ୍ତ ବିଷୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ବିଶୃଙ୍ଖଳିତ ଅଧିକାରୀ, କର୍ମଚାରୀଙ୍କ ଦୁର୍ନୀତି କିମ୍ବା ରୋଗୀଙ୍କୁ ଶୋଷଣ କରୁଥିବା ନେଇ କୈଫତ ତଲବ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ■ଜାତୀୟ ରାଜପଥ ପ୍ରଶସ୍ତୀକରଣ ବେଳେ ତଡ଼ା ଯାଇଥିବା ପାଇପ ଚୋରି

## ୩ ମାସ ହେଲା ପାଣି ପାଉନାହାନ୍ତି ଲୋକେ

ଧର୍ମଶାଳା,୭।୯(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଦେଉଳିଠାରେ ଏକ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା ଜଳଯୋଗାଣ ପ୍ରକଳ୍ପ ୩ମାସ ହେଲା ଅକାମି ହୋଇପଡ଼ି ରହିଛି। ଫଳରେ ଏହି ପ୍ରକଳ୍ପ ଉପରେ ନିର୍ଭର କରୁଥିବା ଅଞ୍ଚଳବାସୀ ବିଶୁଦ୍ଧ ପାଣି ମୁନ୍ଦାଏ ପାଇଁ ନାହିଁ ନ ଥିବା ଅସୁବିଧା ଭୋଗୁଛନ୍ତି। ଏହି ବ୍ଲକର ଜାରକା, କୁମାରୀ, ପଣ୍ଡୁଆ, ଯାମୁବଣିଆ ଆଦି ଅଞ୍ଚଳକୁ ପାଇପ ଯୋଗେ ପାଣି ଯୋଗାଇଦେବା ପାଇଁ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ୧କୋଟି ୨୪ଲକ୍ଷ ଟଙ୍କା ବ୍ୟୟରେ ଦେଉଳି ଠାରେ ଏକ ପ୍ରକଳ୍ପ ନିର୍ମାଣ କରାଯାଇଥିଲା। ୨୦୦୯ମାର୍ଚ୍ଚ ମାସରେ ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ କରାଯାଇ ପାଇପ ଯୋଗେ ପାଣି ଯୋଗାଇ ଦିଆଯାଇଥିଲା। ଗତ କିଛି ଦିନହେଲା ଜାତୀୟ ରାଜପଥ ପ୍ରଶସ୍ତିକରଣ କାର୍ଯ୍ୟ ଚାଲିଥିବାବେଳେ ରାସ୍ତାକାମ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ରାସ୍ତା ତାଡ଼ିଦେଇ ପାଖାପାଖି ୨ କିଲୋମିଟରରୁ ଉର୍ଦ୍ଧ୍ୱ ଲମ୍ବର କାଷ୍ଟ ଆଇରନ ପାଇପଗୁଡ଼ିକୁ ବାହାର କରିଦେଇଥିଲା। ଫଳରେ ଜଳ ଯୋଗାଣ ସମ୍ପୂର୍ଣ୍ଣ ଭାବେ ବନ୍ଦ ହୋଇଯାଇଛି। ଫଳରେ ଦୀର୍ଘ ୩ମାସ ହେଲା ପାଣି ଯୋଗାଣ ବନ୍ଦ ରହିଛି। ଅନ୍ୟପଟେ ରାସ୍ତାକାମ ବେଳେ ମାଟିଖୋଳି ବାହାର କରାଯାଇଥିବା କାଷ୍ଟ ଆଇରନ ପାଇପଗୁଡିକ ରାସ୍ତା ପାର୍ଶ୍ୱରେ ପଡ଼ିଥିବାରୁ ତାକୁ କେହି ଦୁର୍ବୃତ୍ତ ଚୋରି କରିନେଇଥିବା ଜଣାପଡ଼ିଛି। ଲକ୍ଷ ଲକ୍ଷ ଟଙ୍କା ମୂଲ୍ୟର ଏହି ପାଇପଗୁଡ଼ିକ ଚୋରି ହୋଇଯାଇଥିଲେ ମଧ୍ୟ ଦାୟିତ୍ୱରେ ଥିବା ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆ ନ ଯିବା ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଏସମ୍ପର୍କରେ ଜାରକା ଜଳ ଯୋଗାଣ ବିଭାଗ କନିଷ୍ଠଯନ୍ତ୍ରୀ ରୁଦ୍ରକେଶରୀ ସେଠୀଙ୍କ ସହିତ ଯୋଗେଯାଗ କରିବାରେ ସେ କହିଛନ୍ତି ଯେ, ଜାତୀୟ ରାଜପଥ ନିର୍ମାଣ ଦାୟିତ୍ୱରେ ଥିବା ଠିକାଦାର ଆମ ସହିତ କୌଣସି ଆଲୋଚନା ନ କରି ତାଡ଼ି ଦେଇଥିବାରୁ ପାଣି ଯୋଗାଇବା ସମ୍ଭବପର ହେଉ ନାହିଁ। ତଥାପି ଖୁବ୍ ଶୀଘ୍ର ଏହାର ମରାମତି କରାଯାଇ ଜଳ ଯୋଗାଣ କରାଯିବ ବୋଲି ସୂଚନା ଦେଇଛନ୍ତି ।

## ବୈତରଣୀରେ ଦ୍ୱିତୀୟ ବନ୍ୟାଜଳ ପ୍ରବେଶ




ଯାଜପୁର ରୋଡ,୭।୯(ନି.ପ୍ର)

ବୈତରଣୀ ନଦୀରେ ବନ୍ୟା ଜଳ ଦ୍ୱିତୀୟ ଥର ପାଇଁ ପ୍ରବେଶ କରିଛି। ଆଖୁଆପଦାଠାରେ ବିପଦସଙ୍କେତ ୧୭.୮୩ ମିଟର ଥିବାବେଳେ ବର୍ତ୍ତମାନ ୧୭.୮୫ ମିଟରରେ ଜଳ ପ୍ରବାହିତ ହେଉଛି। ପୂର୍ବାହ୍ନ ୧୦ଟାବେଳେ ୧୭.୭ ମିଟର ଥିବାବେଳେ ମଧ୍ୟାହ୍ନରେ ୧୭.୪୭ ମି., ଅପରାହ୍ନ ୪ଟାବେଳେ ୧୭.୮୫ ମିଟରରେ ବନ୍ୟାଜଳ ଆନିକଟ ଦେଇ ପ୍ରବାହିତ ହେଉଥିଲା। ପରେ ଏହା ବୃଦ୍ଧି ହୋଇ ୧୮.୨୦ ମିଟର ରହିଥିବା ଅନୁମାନ କରାଯାଉଛି। ଫଳରେ ବନ୍ୟା ହେବା ନିଶ୍ଚିତ ହୋଇଛି। ଲଗାଣ ବର୍ଷା ଯୋଗୁ ଠାକୁରମୁଣ୍ଡାରେ ୨୪.୮ ମି.ମି., ଚମ୍ପୁଆରେ ୨୫.୮ ମି.ମି., ସୋମପାଟଣାରେ ୨୮.୬, କେନ୍ଦୁଝରରେ ୨୫.୦ ମି.ମି., ଆନନ୍ଦପୁରରେ ୨୫୫.୧୨ ମି.ମି., ଆଖୁଆପଦାରେ ୩୫.୬ ମି.ମି. ବର୍ଷା ରେକର୍ଡ କରାଯାଇଛି। ଆନନ୍ଦପୁରରେ ରେକର୍ଡ ସଂଖ୍ୟକ ବର୍ଷା ଯୋଗୁ ନଦୀ ଜଳସ୍ତର ବୃଦ୍ଧି ପାଇଛି। ନଦୀରେ ବନ୍ୟା ଜଳ କୂଳ ଲଙ୍ଘିବାରୁ ନଦୀକୂଳିଆ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି।

## ଜବତ ମୋଟରସାଇକେଲ ଆରଟିଓ କ୍ୟାମ୍ପଶରୁ ଚୋରି

ଚଣ୍ଡିଖୋଲ,୭।୯(ଡି.ଏନ୍.ଏ.)

ଗତ ସପ୍ତାହ ହେଲା ଦୁଇ ଚକିଆ ଓ ଚାରି ଚକିଆ ଯାନ ଯାଞ୍ଚକୁ କଡ଼ାକଡ଼ି କରାଯାଇଛି। ଏପରି କି ନିୟମ ଉଲ୍ଲଂଘନକାରୀଙ୍କୁ କଡ଼ା ଜରିମାନା ମଧ୍ୟ ହେଉଛି। ଏହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଥିବାବେଳେ ଶନିବାର ଚଣ୍ଡିଖୋଲ ଏମ୍‌ଭିଆଇ ଜବତ କରି ଆର୍‌ଟିଓ ପରିସରରେ ରଖିଥିବା ଏକ ବାଇକ୍ ଚୋରି ହୋଇଛି। ମିଳିଥିବା ସୂଚନା ଅନୁସାରେ ଗତ ୪ତାରିଖରେ ଚଣ୍ଡିଖୋଲ ଆରଟିଓ ଓ ଏମ୍‌ଭିଆଇ ମିଳିତ ତନଖି ସମୟରେ ଏକ ମୋଟର ସାଇକେଲକୁ ଜବତ କରିଥିଲେ। ଜବତ ପରେ ସେହି ମୋଟରସାଇକେଲକୁ ଆରଟିଓ କ୍ୟାମ୍ପସରେ ରଖାଯାଇଥିଲା। ତେବେ ଉକ୍ତ ମୋଟର ସାଇକେଲଟି ଆରଟିଓ ପରିସରରୁ ଚୋରି ହୋଇଯାଇଥିବାନେଇ ଶନିବାର ବଡ଼ଚଣା ଥାନାରେ ଆରଟିଓ ଲାଲ୍ ମୋହନ ସେଠୀ ଏତଲା ଦେଇଛନ୍ତି। ଯାହାକୁ ନେଇ ଜନସାଧାରଣଙ୍କ ମଧ୍ୟରେ ବିଭାଗୀୟ ଅଧିକାରୀମାନଙ୍କ ପ୍ରତି ସନ୍ଦେହ ଘନିଭୂତ ହୋଇଛି।

ସୂଚନାଥାଉକି ୪ ତାରିଖରେ ୧୬ ନଂ ଜାତୀୟ ରାଜପଥରେ ଗାଡ଼ି ଓ ମୋଟରସାଇକେଲ ଯାଞ୍ଚ ପ୍ରକ୍ରିୟା ଚଣ୍ଡିଖୋଲ ପରିବହନ ଓ ଆଞ୍ଚଳିକ ପରିବହନ ବିଭାଗ ତରଫରୁ କରାଯାଉଥିଲା। ଗୁରୁଗାଁଓ ଅଞ୍ଚଳର ମାମ ଚାନ୍ଦଙ୍କ ମୋଟରସାଇକେଲ(ଏଚ ଆ।ର୨୬-ଏଆ।ର-୫୦୨୯)ର କାଗଜ ପତ୍ର ଠିକ୍ ନ ଥିବାରୁ ଧରାପଡ଼ିଥିଲା। ଏଥିରେ ଏମଭିଆଇ ସାବିତ୍ରୀ ହେମ୍ବ୍ରମ ଯେତିକି ଜରିମାନା କରିଥିଲେ ତାହା ଦେବାକୁ ସକ୍ଷମ ନ ହେବାରୁ ସମ୍ପୃକ୍ତ ହିରୋହୋଣ୍ଡା ସ୍ପ୍ଲେଣ୍ଡର ମୋଟରସାଇକେଲକୁ ଜବତ କରି ଆରଟିଓ ଅଫିସ କ୍ୟାମ୍ପସ ମଧ୍ୟକୁ ଆଣିଥିଲେ। ଏହାକୁ କ୍ୟାମ୍ପସ ମଧ୍ୟରେ ରଖାଯାଇଥିଲା। ମାତ୍ର କେହି ଦୁର୍ବୃତ୍ତ ଏହାକୁ ଚୋରି କରି ନେଇଥିବା ସମ୍ପର୍କରେ ଆର୍‌ଟିଓ ସେଠୀ ଅଭିଯୋଗ କରିଛନ୍ତି। ଆର୍‌ଟିଓଙ୍କ ଅଭିଯୋଗକୁ ଭିତ୍ତି କରି ବଡ଼ଚଣା ପୋଲିସ ଏକ ମାମଲା(ନଂ.୨୦୧/୨୦୧୯) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପରିବହନ ଓ ପୋଲିସ ବିଭାଗ ଅଧିକାରୀମାନେ ଯାଞ୍ଚ ସମୟରେ ଯେଉଁ ଜରିମାନା ଆଦାୟ କରୁଛନ୍ତି ତାକୁ ନେଇ ଲୋକମାନେ ଭୟଭିତ ଥିବାବେଳେ ସେମାନଙ୍କ ଠାରୁ ଜବତ କରାଯାଇଥିବା ଗାଡ଼ି ଯଦି ଆର୍‌ଟିଓ ପରିସରରୁ ଚୋରି ହୁଏ ତେବେ ଏଥିପାଇଁ କିଏ ଦାୟୀ ରହିବ ସେନେଇ ଲୋକଙ୍କ ମନରେ ପ୍ରଶ୍ନ ଉଠିଛି। ଏନେଇ ଆର୍‌ଟିଓ ସେଠୀଙ୍କ ମତାମତ ମିଳିପାରି ନାହିଁ।

## ‘ସାମ୍ପ୍ରତିକ ସମାଜରେ ଗାନ୍ଧୀନୀତିର ଆବଶ୍ୟକତା ରହିଛି’

ଚଣ୍ଡିଖୋଲ,୭।୯(ଡି.ଏନ.ଏ)


ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଜାତିର ପିତା ମହାତ୍ମାଗାନ୍ଧୀଙ୍କ ୧୫୦ବର୍ଷ ଜୟନ୍ତୀ ସାରା ଭାରତ ବର୍ଷ ପାଳନ କରୁଛି। ମହାତ୍ମାଙ୍କ ଆଦର୍ଶ ଓ ନୀତି ସମାଜକୁ ଉଦ୍‌ବୁଦ୍ଧ କରିଛି। ସେହି ନୀତି ଓ ଆଦର୍ଶକୁ ବର୍ତ୍ତମାନ ସମାଜର ଯୁବପିଢୀ ଭୁଲି ଗଲେଣି। ସେଥିପାଇଁ ସାମ୍ପ୍ରତିକ ସମାଜରେ ଗାନ୍ଧୀନୀତିର ଆବଶ୍ୟକ ରହିଛି। ବାଲିଚନ୍ଦ୍ରପୁର ପ୍ରେସ୍ କ୍ଲବ ପକ୍ଷରୁ ଆୟୋଜିତ ଗାନ୍ଧୀ ୧୫୦ ପୂର୍ତ୍ତି ଅବସରରେ ଶନିବାର ସଭାପତି ଭକ୍ତ ଚରଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆଲୋଚନା ଚକ୍ର ଓ ସମ୍ବର୍ଦ୍ଧନା ସଭାକୁ ମହାନ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ ଉଦ୍‌ଘାଟନ କରି ଏହି ବକ୍ତବ୍ୟ ରଖିଛନ୍ତି। ବଡ଼ଚଣା ବିଧାୟକ ଅମର ପ୍ରସାଦ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧୀବାଦ ସାରା ବିଶ୍ୱ ପାଇଁ ଆଦର୍ଶ ଥିଲା। ସେହି ମହାପୁରୁଷଙ୍କ ଅବଦାନ ପାଇଁ ଆଜି ଆମେ ଗର୍ବ ଅନୁଭବ କରୁଛୁ। ପ୍ରତ୍ୟେକ ବିଦ୍ୟାଳୟସ୍ତରରୁ ଆରମ୍ଭ କରି ସାଧାରଣ ସାମାଜିକ ବ୍ୟବସ୍ଥାରେ ଗାନ୍ଧୀନୀତିର ପ୍ରଚଳନ ହେଲେ ସମାଜରେ ସୁଧାର ଆସିବ ବୋଲି ମତ ରଖିଥିଲେ। ଐତିହାସିକ ତଥା ବୌଦ୍ଧ ଗବେଷକ ଡ଼ଃ ହରିଶ୍ ଚନ୍ଦ୍ର ପୃଷ୍ଟି ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଦେଶ ପାଇଁ ଗାନ୍ଧୀନୀତିର ଆବଶ୍ୟକ ରହିଛି। ଯୁବସମାଜ ଏହାକୁ ଆପଣେଇଲେ ସମାଜରେ ଏକ ପରିବର୍ତ୍ତନ ହୋଇପାରିବ ବୋଲି ପ୍ରକାଶ କରିଥିଲେ। ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ଭାଗ୍ୟଧର ସାହୁ, ଗାନ୍ଧୀ ୧୫୦ ରାଜ୍ୟ କମିଟିର ସଦସ୍ୟ ମିହିର ପ୍ରତାପ ଦାସ ଓ ପୂର୍ବତନ ଜିଲା ପରିଷଦ ସଭ୍ୟ ଶାରଦା ପ୍ରସନ୍ନ ମହାନ୍ତି ପ୍ରମୁଖ ଯୋଗଦେଇ ଗାନ୍ଧୀନୀତି ଉପରେ ଆଲୋଚନା କରିଥିଲେ। କବି ରୁଦ୍ର ପ୍ରସନ୍ନ ସାମଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଖବରଦାତା ପ୍ରଦୀପ୍ତ କୁମାର ପୃଷ୍ଟି ପ୍ରାରମ୍ଭିକ ସୂଚନା ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବାଲିଚନ୍ଦ୍ରପୁର ସରପଞ୍ଚ ଫନିନ୍ଦ୍ର ନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲ, ପ୍ରଗତିବାଦୀର କାର୍ଯ୍ୟନିର୍ବାହୀ ସମ୍ପାଦକ ବିରୁପାକ୍ଷ ତ୍ରିପାଠୀ, ଶିଳ୍ପୀ ନିର୍ମଳ ମହାରଣା, ସାହାସି ଛାତ୍ର ସୁବ୍ରତ ଓଝା, ଖବରଦାତା ଏକାଦଶୀ ସେଠୀ, ଆଦର୍ଶ କୃଷକ ହୃଷୀକେଶ ଦାସ, ପ୍ରଫେସର ଚିତ୍ତରଞ୍ଜନ ମହାନ୍ତିଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ବିପିନ ବିହାରୀ ଜେନା, କିରଣ କୁମାର ଶତପଥୀ, ମନୋଜ କୁମାର ପରିଡ଼ା, ଅନନ୍ତ କୁମାର ସିଂହ, ବିରେନ୍ଦ୍ର କୁମାର ନାୟକ, ପ୍ରତାପ ଚନ୍ଦ୍ର ନାୟକ, ଘନଶ୍ୟାମ ବିଶ୍ୱାଳ, ସୁମନ୍ତ କୁମାର ଭୂୟାଁ ପ୍ରମୁଖ ବହୁ ବ୍ୟକ୍ତି କାର୍ଯ୍ୟକ୍ରମରେ ଭାଗ ନେଇଥିଲେ।

## ସଂକ୍ଷେପରେ

### ଗ୍ରାମୀଣ ଅଦାଲତ ପାଇଁ ସ୍ଥାନ ପରିଦର୍ଶନ କଲେ ମନ୍ତ୍ରୀ

**ଏରସମା,୭।୯(ସ୍ୱ.ପ୍ର.):** ଏରସମା ବ୍ଲକ ମୁଖ୍ୟାଳୟର ସିହା ଗ୍ରାମରେ ପ୍ରତିଷ୍ଠା ହେବାକୁଥିବା ଗ୍ରାମୀଣ ଅଦାଲତ ପାଇଁ ଚିହ୍ନ ହୋଇଥିବା ସ୍ଥାନ ଶନିବାର ଅପରାହ୍ନରେ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ପରିଦର୍ଶନ କରିଛନ୍ତି। ଏହି ସମୟରେ ବ୍ଲକ ଅଧକ୍ଷ ପ୍ରଣବ ସ୍ୱାଇଁ, ବିଜେଡି ବ୍ଲକ ଉପସଭାପତି ବିଜୟ ପାଳ, ଜିଲା ପରିଷଦ ସଭ୍ୟ ଦୀପ୍ତିରଞ୍ଜନ କୁଅଁର, ନରେନ୍ଦ୍ର ସ୍ୱାଇଁ, ଶିବ ପ୍ରସାଦ ଲେଙ୍କା, ଅଶ୍ୱିନୀ ନାୟକ, ବିପିନ ବିହାରୀ ସ୍ୱାଇଁ, ରଞ୍ଜନ ଜେନା, ଉମେଶ ରାଉତ, ନିକୁଞ୍ଜ କିଶୋର ସ୍ୱାଇଁ, ପ୍ରତାପ କେଶରୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ମନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ସିହା ଗ୍ରାମରେ ଗ୍ରାମିଣ ଅଦାଲତ ପ୍ରତିଷ୍ଠା କରିବା ପାଇଁ ଏରସମା ତହସିଲଦାରଙ୍କ ପକ୍ଷରୁ ସ୍ଥାନ ଚିହ୍ନଟ କରାଯାଇଛି। ସ୍କେଚ୍ ମଧ କରାଯାଇଛି। ମାତ୍ର ପ୍ରଶାସନ ପକ୍ଷରୁ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଯୋଜନା କରାଯାଉଥିବା ଜଣାପଡିଥିଲା। ଏହାର ପ୍ରତିବାଦରେ ଏରସମାବାସୀଙ୍କ ପକ୍ଷରୁ ଗତ ୪ ତାରିଖରେ ତହସିଲ ସମ୍ମୁଖରେ ଧାରଣା ଦିଆଯାଇଥିଲା।

### ଶିଳ୍ପ ଉଦ୍ୟୋଗୀ ବିକାଶ ସଚେତନତା ଶିବିର

**ବାଲିଆ,୭।୯:** ବିରିଡ଼ି ବ୍ଲକ ହାଜିପୁରସ୍ଥିତ ଜୀବନ ଧାରା ପରିସରରେ ବିଶ୍ୱ ଭାରତୀର ସଂଯୋଜକ ନୃସିଂହଚରଣ ବେହେରାଙ୍କ ଅଧକ୍ଷତାରେ ୧୨ ଦିନିଆ ଜିଲା ଶିଳ୍ପ ଉଦ୍ୟୋଗୀ ବିକାଶ ସଚେତନତା ଶିବିର ଉଦ୍‌ଘାଟିତ ହୋଇଛି। ଏଥିରେ ଜଗତ୍‌ସିଂହପୁର ଜିଲା ଶିଳ୍ପ ତାଲିମ କେନ୍ଦ୍ରର ସାଧାରଣ ପରିଚାଳକ ରମାନାଥ ମହାପାତ୍ର, ଅଗ୍ରଣୀ ବ୍ୟାଙ୍କ ଆର୍ଥୀକ ସାକ୍ଷରତା ସଂଯୋଜକ ଅନାଦି ଖୁଣ୍ଟିଆ, ଡି.ଆଇ.ସି ଅଧିକାରୀ ଶ୍ରୀମନ୍ତ ପାତ୍ର, କଟକ ଜିଲା ଗ୍ରାମାଞ୍ଚଳ ସାମ୍ବାଦିକ ସଂଘ କାର୍ଯ୍ୟକାରୀ ସଭାପତି ବିଷ୍ଣୁ ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ୧୫ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମକୁ ବିଶ୍ୱ ଭାରତୀର ମାନସ ପାଣିଗ୍ରାହୀ ପରିଚାଳନା କରିଥିଲେ।

### ୧୫୪୬ ଜଣଙ୍କ ପ୍ରଧାନମନ୍ତ୍ରୀ ଆବାସ

**ଏରସମା,୭।୯(ସ୍ୱ.ପ୍ର.):** ଏରସମା ବ୍ଲକ ସଭାଗୃହରେ ଶନିବାର ଆୟୋଜିତ ସଭାରେ ରାଜ୍ୟ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ଯୋଗଦେଇ ୧୫୪୬ ହିତାଧିକାରୀଙ୍କୁ ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ କାର୍ଯ୍ୟାଦେଶ ପ୍ରଦାନ କରିଛନ୍ତି। ଏଥିସହିତ ୧୦୩୪ ଜଣଙ୍କୁ ମଧୁବାବୁ ପେନସନ ଓ ୨୫୨ ଜଣଙ୍କୁ ଇନ୍ଦିରା ଗାନ୍ଧୀ ପେନସନ ଯୋଜନାରେ ଭତ୍ତା ଦିଆଯାଇଛି। ଏଥିରେ ବ୍ଲକ ଅଧକ୍ଷ ପ୍ରଣବ ସ୍ୱାଇଁ, ବିଡିଓ କୈଳାସ ଚନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟ ଦୀପ୍ତି ରଞ୍ଜନ କୁଅଁର, ବ୍ଲକ ଉପାଧକ୍ଷା ପୁଷ୍ପାଞ୍ଜଳି ବେଉରା ପ୍ରମୁଖ ବକ୍ତବ୍ୟ ଦେଇଥିଲେ।

### ବିଇଓଙ୍କୁ ପାଚିକା, ସହାୟିକାଙ୍କ ଦାବିପତ୍ର

**ବିରିଡ଼ି,୭।୯(ଡି.ଏନ.ଏ):** ସ୍କୁଲରେ କାର୍ଯ୍ୟରତ ପାଚିକା ଓ ସହାୟିକାମାନେ ବିଭିନ୍ନ ସମସ୍ୟା ନେଇ ବିରିଡ଼ି ବିଇଓଙ୍କୁ ୫ ଦଫା ସମ୍ବଳିତ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଜଗତ୍‌ସିଂହପୁର ଜିଲା ବିଦ୍ୟାଳୟ ପାଚିକା ସହାୟିକା ସଂଘ ନେତୃତ୍ୱରେ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ପାଚିକା ସହାୟିକାମାନେ ଏକତ୍ରିତ ହୋଇ ଏହି ଦାବିପତ୍ର ଦେଇଛନ୍ତି। ସଂଘର ଉପସଭାନେତ୍ରୀ କାନ୍ଦୁରୀ ବାରିକ, ସହସମ୍ପାଦିକା କୃଷ୍ଣପ୍ରିୟା ପତି, ବ୍ଲକ ସଭାନେତ୍ରୀ ପ୍ରତିଭା ତ୍ରିପାଠୀ, ସମ୍ପାଦିକା ସୁଷମାରାଣୀ ରଥ ପ୍ରମୁଖ ଏହାର ନେତୃତ୍ୱ ନେଇଥିଲେ। ପାଚିକା ସହାୟିକାଙ୍କ ମନମୁଖୀ ବହିଷ୍କାର ବନ୍ଦ କରିବା, ବିଦ୍ୟାଳୟ ମିଶ୍ରଣ ଓ ବନ୍ଦ କାରଣରୁ ଜୀବିକା ହରାଇଥିବା ପାଚିକା ସହାୟିକାଙ୍କୁ ଆଖପାଖ ସ୍କୁଲରେ ରଖିବା, ଭୋଜି, ଶ୍ରେଣୀଗୃହ ଓ କ୍ୟାମ୍ପସ ଝାଡୁ କରିବା ଆଦି କାମ ପାଇଁ ପାଚିକା ସହାୟିକାଙ୍କ ସହମତିରେ ଅତିରିକ୍ତ କାମ ପାଇଁ ଅଧିକ ଦେୟ ପ୍ରଦାନ କରିବା, ପୂର୍ବରୁ ବାକିଥିବା ସମସ୍ତ ପ୍ରାପ୍ୟ ସେମାନଙ୍କୁ ପ୍ରଦାନ କରିବା, କ୍ୟାମ୍ପସ, ଶ୍ରେଣୀଗୃହ ଝାଡୁ କରିବା ଓ ପାଇଖାନା ସଫା କରିବାକୁ ବାଧ ନ କରିବା ଏବଂ ପାଚିକା ସହାୟିକାଙ୍କୁ ସର୍ବନିମ୍ନ ମଜୁରୀ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀର ମାନ୍ୟତା ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି।

# କଟରା ମିନିବ୍ୟାଙ୍କ: ଜମାକାରୀଙ୍କ ୭୦ ଲକ୍ଷ ଗାଏବ

- କୋଷାଧ୍ୟକ୍ଷଙ୍କ ନାଁରେ ଏତଲା ଦେଲେ ସମ୍ପାଦକ
- ବ୍ୟାଙ୍କରେ ତାଲା ପକାଇ ହୋହଲ୍ଲା କଲେ ଜମାକାରୀ
- ଟ୍ରେଜେରି ଚାବି ନ ଦେଇ ୫ ତାରିଖରୁ କୋଷାଧକ୍ଷ ଅନୁପସ୍ଥିତ

**ଜଗତ୍‌ସିଂହପୁର ଅଫିସ,୭।୯**

କଟରାସ୍ଥିତ ମିନି ବ୍ୟାଙ୍କ (ସନ୍ଥ ବିନୋଭା ସେବା ସମବାୟ ସମିତି)ରେ ଜମାକାରୀଙ୍କ ୭୦ଲକ୍ଷରୁ ଅଧିକ ଟଙ୍କା ଗାଏବ୍ ହୋଇଯାଇଛି। ଏହା ଜଣାପଡ଼ିବା ପରେ ଜମାକାରୀମାନେ ଶନିବାର ବ୍ୟାଙ୍କରେ ତାଲା ପକାଇ ହୋହଲ୍ଲା କରିଛନ୍ତି। ଜମାରାଶି ତୁରନ୍ତ ଫେରାଇବା ସହ ଅଭିଯୁକ୍ତ ବ୍ୟାଙ୍କ କର୍ମଚାରୀଙ୍କ ବିରୋଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେମାନେ ଦାବି କରିଛନ୍ତି। ପରିସ୍ଥିତିକୁ ଦୃଷ୍ଟିରେ ରଖି ଅପରାହ୍ନରେ ବ୍ୟାଙ୍କର ବୋର୍ଡ ବୈଠକ ବସିଥିଲା। ଏଥିରେ କୋଷାଧ୍ୟକ୍ଷ ଏଭଳି କାଣ୍ଡ ଘଟାଇଥିବା ଦର୍ଶାଯାଇଥିଲା। ପରେ ସମ୍ପାଦକ ପ୍ରଦୀପ୍ତ ନାୟକ ରାତି ପ୍ରାୟ ୯ଟା ବେଳେ ତିର୍ତ୍ତୋଲ ଥାନା ଅଧୀନ କନକପୁର ଫାଣ୍ଡିରେ କୋଷାଧକ୍ଷ ସୁରେନ୍ଦ୍ର ଖଟୁଆଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଏନେଇ ମାମଲା ନଂ. ୨୫୨/୧୯ ରୁଜୁ ହୋଇଛି। ସେବା ସମବାୟ ସମିତିରେ ଏଭଳି ଚାଲିଥିବା ସମ୍ପର୍କରେ କିଛିଦିନ ତଳେ ଧରିତ୍ରୀରେ ଖବର ପ୍ରକାଶ ପାଇଥିବାବେଳେ ଏବେ ଏଭଳି ଘଟଣା ସାମ୍ନାକୁ ଆସିବା ସାରା ଜିଲାରେ ଆଲୋଚନାର ବିଷୟ ହୋଇଛି।

ସୂଚନା ଅନୁଯାୟୀ, ଏହି ମିନି ବ୍ୟାଙ୍କରେ ପ୍ରାୟ ୩ ହଜାର ଜମାକାରୀ ଅଛନ୍ତି। କିଛିଦିନ ତଳେ କେତେଜଣ ଜମାକାରୀଙ୍କ ଟଙ୍କା ଗାଏବ ହୋଇଥିବା ଜଣାପଡିଥିଲା। ଏହାକୁ ନେଇ ଅନ୍ୟ ଜମାକାରୀମାନେ ଚିନ୍ତାରେ ପଡ଼ିଥିଲେ। କାଳେ ସେମାନଙ୍କ ଟଙ୍କା ଗାଏବ ହୋଇଥିବ ଭାବି ସେମାନେ ବ୍ୟାଙ୍କ ଆକାଉଣ୍ଟ ଅନୁଧ୍ୟାନ କରିଥିଲେ। ପରେ ଯାହା ଜାଣିଥିଲେ ତାହା ସେମାନଙ୍କ ରକ୍ତଚାପ ବଢାଇ ଦେଇଥିଲା। କାରଣ ସେମାନଙ୍କ ବ୍ୟାଙ୍କ ପାସ୍ ବୁକ୍‌ରେ ଯେତିକି ଟଙ୍କା ଦର୍ଶାଯାଇଛି, ବାସ୍ତବରେ ଆକାଉଣ୍ଟରେ ସେତିକି ନ ଥିବା ଜଣାଯାଇଥିଲା। କେବଳ ଏତିକି ନୁହେଁ ଅନେକ ଫିକ୍ସ ଡିପୋଜିଟ କରିଥିଲେ ସୁଦ୍ଧା ସେମାନଙ୍କ ଆକାଉଣ୍ଟରେ ଏହି ଟଙ୍କା ନ ଥିଲା। ଜମାକାରୀଙ୍କ ପାଖରେ ରସିଦ୍ ଥିବାବେଳେ ଆକାଉଣ୍ଟରେ ଟଙ୍କା ନ ଥିବା ଜଣାପଡିଥିଲା। ଏହିଭଳି ଶତାଧିକ ଜମାକାରୀଙ୍କ ଟଙ୍କା ଗାଏବ ହେବା ଜଣାପଡ଼ିବା ପରେ ଉତ୍ତେଜନା ପ୍ରକାଶ ପାଇଥିଲା। ଜମାକାରୀମାନେ ବ୍ୟାଙ୍କ ଫାଟକ ବନ୍ଦ କରି ହୋହଲ୍ଲା କରିଥିଲେ। ଶେଷରେ ସମ୍ପାଦକ ନାୟକ ତୁରନ୍ତ ବୋର୍ଡ ବୈଠକ ଡକାଇଥିଲେ। ଏଥିରେ କୋଷାଧକ୍ଷ ଜମାକାରୀଙ୍କ ଟଙ୍କା ଚଲୁ କରିଥିବା କୁହାଯାଇଥିଲା। ଏ ସମ୍ପର୍କରେ କେତେଜଣ ଜମାକାରୀ କହିଛନ୍ତି, ସଭାପତି ନୃସିଂହ ଚରଣ ସାହୁ, ସମ୍ପାଦକ ନାୟକ, କୋଷାଧକ୍ଷ ଖଟୁଆ ପ୍ରମୁଖ ମିଳିମିଶି ଜମାକାରୀଙ୍କ ଟଙ୍କା ହେରଫେର କରିଛନ୍ତି। ଶୁକ୍ରବାର ତିର୍ତ୍ତୋଲର ଜଣେ ବ୍ୟାଙ୍କ କର୍ମଚାରୀ ଅଡିଟ୍ କଲାପରେ ଏହି ଅଭିଯୋଗର ସତ୍ୟାସତ୍ୟ ପଦାକୁ ଆସିଛି। ସମ୍ପୃକ୍ତ କର୍ମଚାରୀ କହିଛନ୍ତି ଯେ, ମିନିବ୍ୟାଙ୍କରେ ୭୦ ଲକ୍ଷରୁ ଅଧିକ ଟଙ୍କା ହେରଫେର ହୋଇଥିବା ଆଭାସ ମିଳୁଛି। ନନ୍ଦନ ଗ୍ରାମର ପ୍ରଫୁଲ୍ଲ କୁମାର ସାହୁଙ୍କ କହିବା କଥା ହେଲା ତାଙ୍କ ଆକାଉଣ୍ଟରେ ୧,୪୭,୦୦୦ ଟଙ୍କା ଜମା କରିଥିଲେ। କିନ୍ତୁ ଏବେ ଆକାଉଣ୍ଟରେ ଟଙ୍କା ନ ଥିବା ଜଣାଯାଇଛି। ସେହିପରି ମର୍ଦ୍ଦଳର ତନ୍ମୟ ବାରିକ ୧୫,୦୦୦ ଟଙ୍କା ଜମା କରିଥିବା ବେଳେ ତାଙ୍କ ଆକାଉଣ୍ଟରେ ରହିଛି ମାତ୍ର ୭୮୨ ଟଙ୍କା। ନନ୍ଦନର କୃଷ୍ଣଚନ୍ଦ୍ର ମଲ୍ଲିକ ୭୦,୦୦୦ ଟଙ୍କା ଫିକ୍ସ ଡିପୋଜିଟ୍ କରିଥିଲେ। ଟଙ୍କା ଜମା କଲାବେଳେ ତାଙ୍କୁ ରସିଦ୍ ଦିଆଯାଇଥିଲା। କିନ୍ତୁ ଏକାଧିକ ବାର ମାଗିବା ପରେ ବଣ୍ଡ୍ ଆସିବାରେ ବିଳମ୍ବ ହେଉଥିବା କୁହାଯାଇ ସମୟ ଗଡାଯାଇଥିଲା। ଏବେ ଟଙ୍କା ନ ଥିବା ଜଣାଯାଇଛି। ମୂଳୁଗାଁର ସତ୍ୟଭାମା ସ୍ୱାଇଁ ନାମକ ବୃଦ୍ଧା ୫୪,୫୦୦ ଟଙ୍କା ଜମା କରିଥିଲେ ସୁଦ୍ଧା ତାଙ୍କ ଆକାଉଣ୍ଟରେ ଟଙ୍କା ନାହିଁ। ଯଜାଙ୍ଗର କରିସ୍ମା ମଲ୍ଲଙ୍କ ଆକାଉଣ୍ଟରେ ୭,୧୨୫ ଟଙ୍କା ଜମା ହୋଇଥିବାବେଳେ ଏବେ ଅଛି ମାତ୍ର ୬୨୫ ଟଙ୍କା। ସେହିପରି କରିସ୍ମା ଏହି ବ୍ୟାଙ୍କରେ ୧୯,୦୦୦ ଟଙ୍କା ଫିକ୍ସ ଡିପୋଜିଟ୍ କରିଥିବା ବେଳେ ଜମା କରିଥିବା ରସିଦ୍ ପାଇଛନ୍ତି। କିନ୍ତୁ କାଗଜପତ୍ର ଏଯାଏ ମିଳିନାହିଁ। ଜମା ରାଶି ଗାଏବ୍ ହୋଇଯାଇଛି। ଏଭଳି ଜଣେ ଅଣ୍ଡା ଦୋକାନୀଙ୍କ ୧,୩୫,୦୦୦, ଅନ୍ୟ ଜଣଙ୍କ ୭ ଲକ୍ଷ, ଏପରି କି ଜଣେ ବ୍ୟକ୍ତିଙ୍କ ୨୭ ଲକ୍ଷ ଟଙ୍କା ଗାଏବ୍ ହୋଇଥିବା ଆଲୋଚନା ହେଉଛି। ଏସବୁ ଅଭିଯୋଗ ଉପରେ ଅଧିକ ତଦନ୍ତ କରାଗଲେ ସତ୍ୟାସତ୍ୟ ପଦାକୁ ଆସିବ ବୋଲି ଦାବି ହେଉଛି।

ଏ ସମ୍ପର୍କରେ ସମିତି ସମ୍ପାଦକ ନାୟକଙ୍କୁ ପଚାରିବାରୁ ସେ କହିଲେ ଯେ, କୋଷାଧକ୍ଷ ଜମାକାରୀଙ୍କୁ ଯେଉଁସବୁ ରସିଦ୍ ଦେଇଛନ୍ତି ତାହା ନକଲି ବୋଲି ସନ୍ଦେହ କରାଯାଉଛି। ତାହା ହୋଇ ନ ଥିଲେ ଆକାଉଣ୍ଟରେ ଟଙ୍କା ଜମା ଥାନ୍ତା। କୋଷାଧକ୍ଷ ଗତ ୫ ତାରିଖରୁ ବ୍ୟାଙ୍କ ଆସୁ ନ ଥିବା, ଏପରି କି ଟ୍ରେଜେରୀ ଚାବି ଦାଖଲ କରି ନ ଥିବାରୁ ଅନେକ ଅସୁବିଧା ହେଉଛି। ତେଣୁ ବୋର୍ଡ ନିଷ୍ପତ୍ତି ଅନୁଯାୟୀ ସେ ଥାନାରେ ଅଭିଯୋଗ କରିଛନ୍ତି। କୋଷାଧକ୍ଷ କେତେଟଙ୍କା ଗାଏବ୍ କରିଛନ୍ତି, ସେ ସମ୍ପର୍କରେ ଅଧିକ ତଦନ୍ତ ପରେ ଜଣାପଡିବ ବୋଲି ସେ କହିଛନ୍ତି।

■ ସରସ୍ୱତୀ ଶିଶୁ ମନ୍ଦିରରେ ଜ୍ଞାନ ବିଜ୍ଞାନ ମେଳା

## ଆକର୍ଷିତ କଲା ଜୈବିକ ଚାଷ ପ୍ରକଳ୍ପ




ବିଜ୍ଞାନମେଳାରେ ଅଂଶଗ୍ରହଣ କରିଥିବା ଛାତ୍ରୀମାନେ ପ୍ରକଳ୍ପ ପ୍ରଦର୍ଶନ କରୁଛନ୍ତି।

**ପାରାଦୀପ,୭।୯(ସ୍ୱ.ପ୍ର.)**

ପାରାଦୀପ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଶନିବାର ଜ୍ଞାନ ବିଜ୍ଞାନ ମେଳା ଆରମ୍ଭ ହୋଇଛି। ଏହା ଦୁଇଦିନ ଧରି ଚାଲିବ। ଏଥିରେ ପୁରୀ, ଖୋର୍ଦ୍ଧା, ଜଗତ୍‌ସିଂହପୁର ଆଦି ୩ ଜିଲାର ୧୮୦ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି। ଏଥିସହ ୪୦ ଜଣ ବିଚାରକ ଓ ୪୦ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ବିଜ୍ଞାନ ମେଳା ପରିଚାଳନା କରୁଛନ୍ତି। ଏଥିରେ ବିଜ୍ଞାନ ଓ ଗଣିତକୁ ନେଇ ପ୍ରତିଯୋଗିତା ଚାଲିଛି। ବିଜ୍ଞାନରେ ପ୍ରକଳ୍ପ ଓ ପ୍ରୟୋଗ ଥିବାବେଳେ ଗଣିତରେ ପ୍ରଶ୍ନୋତ୍ତର ପ୍ରତିଯୋଗିତା ରହିଛି। ଏକାଧିକ ପ୍ରକଳ୍ପ ମଧ୍ୟରେ ୩ ଛାତ୍ରଙ୍କ କୃଷି ଭିତ୍ତିକ ବିଜ୍ଞାନ ପ୍ରକଳ୍ପ ବେଶ୍ ଆକର୍ଷଣୀୟ ହୋଇଛି। ତିର୍ତ୍ତୋଲ ଶିଶୁମନ୍ଦିରର ଷଷ୍ଠ ଶ୍ରେଣୀ ଛାତ୍ରୀ ଅଙ୍କିତା ପ୍ରିୟଦର୍ଶନୀ ତାଙ୍କ କୃଷିଭିତ୍ତିକ ପ୍ରକଳ୍ପରେ ପାରମ୍ପରିକ ଚାଷ ଓ ଆଧୁନିକ ଚାଷ ସମ୍ପର୍କରେ ଦର୍ଶାଇଛନ୍ତି। ପାରମ୍ପରିକ ଚାଷରେ ପ୍ରାକୃତିକ ଦୁର୍ବିପାକ ଜନିତ କ୍ଷତି ଅଧିକ ରହିଛି। ଆଧୁନିକ ଚାଷ ଦ୍ୱାରା ସେପରି ହେବ ନାହିଁ ବୋଲି ତାଙ୍କ ମତ। ସେହିପରି ଚାଷ ଜମିରେ ରାସାୟନିକ ସାର ବ୍ୟବହାର କଲେ ତାର ଭୟଭୟତା ରହିଛି। ଏଥିରେ ପରିବେଶ ସନ୍ତୁଳନ ବିଗିଡିଥାଏ। ସେହି ରାସାୟନିକ ସାର ବଦଳରେ ଜୈବିକ ସାର ବ୍ୟବହାର ପାଇଁ ସେ ପ୍ରକଳ୍ପରେ ବାର୍ତ୍ତା ଦେଇଛନ୍ତି। ଜିଆଖତ, ତାଳଗୁଡ, ଦେଶୀ ଗାଈର ମଳମୂତ୍ର, ଅଶ୍ୱତଥ ଗଛତଳେ ମାଟିରେ ଥିବା ଅଣୁଜୀବ ଆଦି କ୍ଷେତରେ ପ୍ରୟୋଗ କଲେ ଜୈବିକ ଖତ ଜୈବବିବିଧତା ପାଇଁ ସହାୟ ହେବ ବୋଲି କହିଥିଲେ। ସେହିପରି ଜଗତ୍‌ସିଂହପୁରର ୮ମ ଶ୍ରେଣୀ ଛାତ୍ରୀ ଜଶସ୍ୱୀ ସ୍ୱାଇଁ ମଧ ବୈଷୟିକ ଚାଷ ଓ ଜଳ ସଂରକ୍ଷଣ ଉପରେ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। କୁଜଙ୍ଗର ସପ୍ତମ ଶ୍ରେଣୀ ଛାତ୍ରୀ ପ୍ରଜ୍ଞାପାରମିତା ଦାସ ତାଙ୍କ କୃଷି ପ୍ରକଳ୍ପରେ ହଳ ଲଙ୍ଗଳ ଓ ଟ୍ରାକ୍ଟର ମଧ୍ୟରେ ଥିବା ପ୍ରଭେଦ, କ୍ଷେତରେ ଧାନ ଅପେକ୍ଷା ସ୍ଥାୟୀ ଫଳ ପନିପରିବା ଚାଷ ସମ୍ପର୍କରେ ଦର୍ଶାଇଥିଲେ। ଏହି ପ୍ରକଳ୍ପକୁ ଶିଶୁମନ୍ଦିର ପ୍ରଧାନ ଶିକ୍ଷକ ମନୋଜ ରଞ୍ଜନ ସେଠୀ, ସମ୍ପାଦକ ଦେବଦତ୍ତ ସାମନ୍ତରାୟଙ୍କ ସମେତ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନା କରିଥିଲେ।

## କୋର୍ଟ ପରିସରରେ ଚାରାରୋପଣ

**ତିର୍ତ୍ତୋଲ,୭।୯(ଡି.ଏନ.ଏ.)**

ତିର୍ତ୍ତୋଲ କୋର୍ଟ ପରିସରରେ ଶନିବାର ଜିଲା ଆଇନ ବିଭାଗ ଦ୍ୱାରା ଚାରା ରୋପଣ କରାଯାଇଛି। ଏଥିରେ ଜଗତସିଂହପୁର ଜିଲା ସେସନ ଜଜ୍ ଆନନ୍ଦ ଚନ୍ଦ୍ର ବେହେରା, ଆଡିସନାଲ ଜିଲାଜଜ୍ ମୁନ୍‌ରାଣୀ ମିଶ୍ର, କୁଜଙ୍ଗ କୋର୍ଟ ଆଡିସନାଲ ଜଜ୍ ପ୍ରଣବ ରାଉତରାୟ, ଜଗତସିଂହପୁର ସିଭିଲ କୋର୍ଟ ରେଜିଷ୍ଟ୍ରାର ମହେଶ୍ୱତା ପରିଜା, ସବ୍‌ଜଜ୍ ଶଶିରେଖା ମିଶ୍ର, ସିଭିଲ ଜଜ୍ ସିନିୟର (ମହିଳା) ଅନ୍ନପୂର୍ଣ୍ଣା ନାୟକ, କୁଜଙ୍ଗ ସବ୍‌ଜଜ୍ ପ୍ରିୟରଞ୍ଜନ ବାରିକ, ଜଗତସିଂହପୁର ସିଜେଏମ ସୁଦାମ ଚରଣ ଦାସ, ଡିଏଲଏସ୍ କମଳାକାନ୍ତ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ତିର୍ତ୍ତୋଲ ବାର ଆସୋସିଏଶନ ସମ୍ପାଦକ ସରୋଜ ପାଣିଗ୍ରାହୀ, ଉପସଭାପତି ଟୁକନ ସେଠୀ, ବିନୟ ରାୟ, ଫରେଷ୍ଟର ସୁଶାନ୍ତ ବେହେରା ପ୍ରମୁଖ ସହଯୋଗ କରିଥିଲେ।

## ରେଡୁଆ ବିସି କଲେଜ ପିଟିଏ ମିଟିଂ

**ରଘୁନାଥପୁର, ୭।୯ (ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ରେଡୁଆ ବୃନ୍ଦାବନ ଚନ୍ଦ୍ର କଲେଜର ଯୁକ୍ତ ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ଅଭିଭାବକ ଓ ଶିକ୍ଷକମାନଙ୍କୁ ନେଇ ପିଟିଏ ବୈଠକ ଶନିବାର ଅନୁଷ୍ଠିତ ହୋଇଛି। କଲେଜର ଅଧକ୍ଷ ସରୋଜ ପଣ୍ଡାଙ୍କ ପୌରୋହିତ୍ୟରେ ଆୟୋଜିତ ବୈଠକରେ କଲେଜରେ ଛାତ୍ରୀଛାତ୍ର ୭୫ ପ୍ରତିଶତ ଉପସ୍ଥାନ ରହିବା ଅତ୍ୟନ୍ତ ଜରୁରୀ ବୋଲି କୁହାଯାଇଥିଲା। ପ୍ରତ୍ୟେକ ବିଭାଗରେ ଆଲୋଚନାଚକ୍ର, ଛାତ୍ରୀଛାତ୍ରମାନେ ସମୟାନୁବର୍ତ୍ତିତା ତଥା ଶୃଙ୍ଖଳିତ ରହିବାକୁ ଅଧକ୍ଷ ପଣ୍ଡା ପ୍ରକାଶ କରିବା ସହ ଏଥି ନିମନ୍ତେ ଅଭିଭାବକମାନେ ଦୃଷ୍ଟି ଦେବାକୁ ମତବ୍ୟକ୍ତ କରିଥିଲେ। ବୈଠକରେ ଡ. ବିରକ୍ଷ କୁମାରୀ ନାୟକ, ସ୍ମିତାରାଣୀ ପ୍ରଧାନ, ଶାଶ୍ୱତି ନନ୍ଦ, ସୌମ୍ୟାଶ୍ରୀ ମହାନ୍ତି, ସ୍ୱାଗତିକା ଦାଶ ପ୍ରମୁଖ ଏ ସମ୍ପର୍କରେ ଦିଗଦର୍ଶନ ଦେଇଥିଲେ। ଅଧାପକ ପ୍ରତାପ କୁମାର ଲେଙ୍କା ଅତିଥି ପରିଚୟ, ସଂଯୋଜିକା ଲୋପାମୁଦ୍ରା ମହାପାତ୍ର ଧନ୍ୟବାଦ ଦେଇଥିଲେ।

ବନ୍ଧୁକ ଦେଖାଇ ଘରେ କଳାକନା ବୁଲାଇବା ମାମଲା

## ୩ ଜଣଙ୍କୁ ଅଟକ ରଖିଛି ପୋଲିସ

**ଜଗତ୍‌ସିଂହପୁର ଅଫିସ, ୭।୯**

ଜଗତ୍‌ସିଂହପୁର ଥାନା ଅନ୍ତର୍ଗତ କୋରୁଆର ତ୍ରୈଲୋକ୍ୟ ମୋହନ ସାହୁ (୪୩)ଙ୍କ ଘରୁ ଗତ ୫ ତାରିଖ ରାତିରେ ଡକାୟତି ହୋଇଥିଲା। ଦୁର୍ବୃତ୍ତମାନେ ତାଙ୍କ ଘରେ ପଶି ପରିବାର ସଦସ୍ୟଙ୍କୁ ମାଡ଼ ମାରିବା ସହ ମୁଣ୍ଡରେ ବନ୍ଧୁକ ଲଗାଇ ସୁନା ଗହଣା, ଟଙ୍କା, ବ୍ୟାଙ୍କ ଆକାଉଣ୍ଟ ବହି, ଏଟିଏମ୍ କାର୍ଡ ଆଦି ନେଇଯାଇଥିଲେ। ଏହି ମାମଲାରେ ପୋଲିସ ୩ ଜଣଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଥିବା ଜଣାପଡିଛି। ଜେରା ପରେ ସେମାନଙ୍କଠାରୁ ଅନେକ ତଥ୍ୟ ମିଳିପାରେ ବୋଲି ପୋଲିସ ଆଶା ରଖିଛି। ଅଟକ ୩ ଜଣଙ୍କ ମଧ୍ୟରୁ ଜଣେ ଜଗତ୍‌ସିଂହପୁର ଥାନା ଅଞ୍ଚଳର ବୋଲି କୁହାଯାଉଛି। ତେବେ ଡକାୟତମାନେ କିପରି ଯୋଜନା ପ୍ରସ୍ତୁତ କରିଥିଲେ, ସେମାନଙ୍କ ଭିତରେ କି ପ୍ରକାର ବୁଝାମଣା ହୋଇଥିଲା, ଡକାୟତି ପରେ ସେମାନେ ମୂଲ୍ୟବାନ ଗହଣା ଓ ଟଙ୍କା ଆଦି କିପରି ବାଣ୍ଟିଲେ ତାହା ଏବେ ବି ରହସ୍ୟ ଭିତରେ ରହିଛି। କୋରୁଆ ପାଖାପାଖି ଗାଁର ଜଣେ ବ୍ୟକ୍ତି ଏହାର ମାଷ୍ଟର ମାଇଣ୍ଡ ବୋଲି କୁହାଯାଉଛି। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ପୋଲିସ ଅଟକ ୩ ଜଣଙ୍କଠାରୁ ଅନେକ କଥା ଆଦାୟ କରିଥିବାବେଳେ ଗହଣା, ଟଙ୍କା ଆଦି ଜବତ କରିବାକୁ ସକ୍ଷମ ହୋଇନି। ଡକାୟତିରେ ଏକାଧିକ ବ୍ୟକ୍ତିଙ୍କ ସମ୍ପୃକ୍ତି ଥିବାରୁ କାହା ପାଖରେ ଏସବୁ ରହିଛି କିମ୍ବା ପରସ୍ପର ବାଣ୍ଟି ନେଇଥିଲେ ତାହା ସ୍ପଷ୍ଟ ହୋଇନାହିଁ।

୫୫ ନଂ. ଜାତୀୟ ରାଜପଥ ନିର୍ମାଣ ସମ୍ପର୍କରେ ସମୀକ୍ଷା

## ଜମି ଅଧିଗ୍ରହଣ ଉପରେ ଗୁରୁତ୍ୱ



ବୈଠକରେ ଉପସ୍ଥିତ ଜିଲାପାଳ ଓ ଅନ୍ୟ ଅଧିକାରୀ।

**ଜଗତ୍‌ସିଂହପୁର ଅଫିସ, ୭।୯**

ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦ୍‌ଭାବନା ସଭାଗୃହରେ ଶନିବାର ୫୫ ନମ୍ବର ଜାତୀୟ ରାଜପଥର ଜଗତ୍‌ସିଂହପୁର ଜିଲାରେ ଅତିକ୍ରମ କରୁଥିବା ପ୍ରସ୍ତାବିତ ରାସ୍ତାର ଅଗ୍ରଗତି ସମ୍ପର୍କରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ପୌରୋହିତ୍ୟ କରି ରାଜପଥ ନିର୍ମାଣ ପାଇଁ ଜମି ଅଧିଗ୍ରହଣ, ଜଙ୍ଗଲ କିସମ ଜମିର ପରିବର୍ତ୍ତନ, ବାଇପାସ୍, ବିଦ୍ୟୁତ, ପିଏଚ୍‌ଡି ଓ ବିଏସ୍‌ଏନ୍‌ଏଲ୍ ଖୁଣ୍ଟ ଅପସାରଣ ପ୍ରକ୍ରିୟା ସମ୍ପର୍କରେ ଆଲୋଚନା କରିଥିଲେ। ଧାର୍ଯ୍ୟ ସମୟ ମଧ୍ୟରେ ବିଜ୍ଞପ୍ତି ପ୍ରକାଶ ସହ ଜମି ଅଧିଗ୍ରହଣ ପ୍ରକ୍ରିୟା ଆରମ୍ଭ କରିବା ଉପରେ ଏଥିରେ ଗୁରୁତ୍ୱାରୋପ କରାଯାଇଥିଲା। ନିର୍ମାଣ କାର୍ଯ୍ୟ ମଧ ଠିକ ସମୟରେ ଆରମ୍ଭ ଓ ଶେଷ କରିବାକୁ ଜିଲାପାଳ ଜାତୀୟ ରାଜପଥ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ଜିଲାପାଳ କହିଥିଲେ ଯେ, ପ୍ରତି ସପ୍ତାହରେ କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ ଡ. କୈଳାସ ଚନ୍ଦ୍ର ପାଣି, ଅଭୟ କୁମାର ମହାନ୍ତି, ଜାତୀୟ ରାଜପଥ, ଜଳ ସମ୍ପଦ ଓ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ, ବାଲିକୁଦା, ବିରିଡ଼ି ଓ ଜଗତ୍‌ସିଂହପୁର ତହସିଲଦାର, କଟକ ଡିଏଫ୍‌ଓ ସୁଦର୍ଶନ ପାତ୍ର, ଅଙ୍କିତ ଟେକ୍‌ନୋ କନ୍‌ସଲଟାଣ୍ଟ କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। କନ୍‌ସଲଟାଣ୍ଟ ପକ୍ଷରୁ ପ୍ରସ୍ତାବିତ ଜାତୀୟ ରାଜପଥ ସମ୍ପର୍କରେ ପାୱାର ପଏଣ୍ଟ ମାଧ୍ୟମରେ ପ୍ରଦର୍ଶନ କରାଯାଇଥିଲା।

## ଥାନା ପୋଡ଼ି ଘଟଣା ମୁକ୍ତି ସଂଗ୍ରାମର ଜ୍ୱଳନ୍ତ ଦୃଷ୍ଟାନ୍ତ

**ଏରସମା,୭।୯(ସ୍ୱ.ପ୍ର.)**



ଉତ୍ସବରେ ଉପସ୍ଥିତ ମନ୍ତ୍ରୀ ରଘୁନନ୍ଦନ ଦାସ ଓ ଅନ୍ୟ ଅତିଥି।

ଏରସମା ବ୍ଲକ ମୁଖ୍ୟାଳୟସ୍ଥିତ ସ୍ୱାଧୀନତା ସଂଗ୍ରାମୀ ସ୍ମୃତିପୀଠ ପରିସରରେ ଶୁକ୍ରବାର ଏରସମା ଥାନା ପୋଡ଼ି ଦିବସ ପାଳିତ ହୋଇଛି। ଏଥିରେ ଜଳ ସମ୍ପଦ, ସୂଚନା ଓ ଲୋକ ସମ୍ପର୍କ ମନ୍ତ୍ରୀ ରଘୁନନ୍ଦନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ ଯେ, ଏରସମାର ସଂଗ୍ରାମୀମାନେ ଥାନା ପୋଡିବା ଘଟଣା ସ୍ୱାଧୀନତା ସଂଗ୍ରାମର ଅନ୍ୟତମ ଜ୍ୱଳନ୍ତ ଦୃଷ୍ଟାନ୍ତ ହୋଇ ରହିଛି। ପୂର୍ବତନ ଜିଲା ପରିଷଦ ସଭ୍ୟ ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ସାରଦା ପ୍ରସନ୍ନ ଜେନା ଏଥିରେ ସଭାପତିତ୍ୱ କରିଥିଲେ। ରାଜ୍ୟ ଉଠା ଜଳ ସେଚନ ନିଗମର ଅଧକ୍ଷ ଅମରେଶ ପତ୍ରୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଏରସମାର ଐତିହ୍ୟ ସମ୍ପର୍କରେ କହିଥିଲେ। ସଂଘର ସମ୍ପାଦକ ନିତ୍ୟାନନ୍ଦ ଦାସ ପ୍ରାରମ୍ଭିକ ସୂଚନା ଓ ସରୋଜ କୁମାର ବେହେରା ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ ସମ୍ପାଦକ ଅମ୍ବିକା ପ୍ରସାଦ ମହାନ୍ତି, କୋଷାଧକ୍ଷ ପ୍ରସନ୍ନ କୁମାର କୁଅଁର ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ଶେଷରେ ଏରସମା ଗ୍ରାମ୍ୟ କମିଟି ସଭାପତି ଅମୂଲ୍ୟ କୁମାର ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ଚାଷଜମି ଜଳାର୍ଣ୍ଣବ, ଫସଲହାନି ଆଶଙ୍କା

**କୁଜଙ୍ଗ,୭।୯(ସ୍ୱ.ପ୍ର.)**

ଦୁଇ ଦିନ ହେଲା ଲଗାଣ ବର୍ଷା ପ୍ରଭାବରେ କୁଜଙ୍ଗ ବ୍ଲକ ଅଞ୍ଚଳରେ ବ୍ୟାପକ ଚାଷଜମି ଜଳମଗ୍ନ ହୋଇଛି। ଅନେକ ଜମିରେ ଧାନ ଗଛ ପଚିଯିବାର ଆଶଙ୍କା ଥିବାରୁ ଚାଷୀ ମୁଣ୍ଡରେ ଚଡ଼କ ପଡିଛି। ଚାଷୀଙ୍କ ପାଖରେ ଆଉ ଧାନ ରୋଇବା କିମ୍ବା ତଳିଘେରା କରିବାକୁ ସମୟ ଓ ସମ୍ବଳ ନାହିଁ ବୋଲି ଚାଷୀ ନେତା ଦେବେନ୍ଦ୍ର ପଟ୍ଟନାୟକ ଓ ବାବୁରାମ ଚୌଧୁରୀ ପ୍ରମୁଖ କହିଛନ୍ତି। ପ୍ରଥମେ ବର୍ଷା ଅଭାବରୁ ତଳିଘେରା ନଷ୍ଟ ହୋଇଥିଲା। ତେବେ କେତେକ ଚାଷୀ ବହୁ କଷ୍ଟରେ ନିଜ ଉଦ୍ୟମରେ ଖାଲୁଆ ଜମିରେ ଧାନ ରୋଇଥିଲେ। ଫସଲ ମଧ ଭଲ ହୋଇଥିଲା। ଚାଷୀ ଖୁସି ମନରେ ୨ୟ ଥର ସାର ପ୍ରୟୋଗ କରି ଧାନ ଥୋଡକୁ ଅପେକ୍ଷା କରିଥିବା ବେଳେ ଏବେ ଲଗାଣ ବର୍ଷା ସେମାନଙ୍କ ମୁହଁରୁ ହସ ଛଡ଼ାଇ ନେଇଛି। ପଙ୍କପାଳ ପଞ୍ଚାୟତ ରେଳ ଲାଇନର ଗରେଇ ବିବଛପୁର ପାର୍ଶ୍ୱ, ରୋହିପାଟ ଅଞ୍ଚଳ ଜଳମଗ୍ନ ହୋଇଯାଇଛି। ଜନାପାଳ, ବଣିକୁନ୍ଦ ଅଞ୍ଚଳରେ ବ୍ୟାପକ ଫସଲ ନଷ୍ଟ ହୋଇଛି। ପାଟପୁର ପଞ୍ଚାୟତର ବଉଳାଙ୍ଗ, ବାଲିପାରୀ, କୋଠି, ବଗଦିଆ, ଅଗପାଳ ପଞ୍ଚାୟତର ନଦୀପଠାରେ ବହୁ ଫସଲ ହାନୀ ଘଟିଛି। କୃଷି ଓ ରାଜସ୍ୱ ବିଭାଗ ଏହାର ଅନୁଧ୍ୟାନ କରି ଚାଷୀଙ୍କୁ କ୍ଷତିପୂରଣ ଦେବାକୁ ପଙ୍କପାଳ ନାଏବ ସରପଞ୍ଚ କିଶୋର ପରିଡାଙ୍କ ସମେତ ଚାଷୀମାନେ ଦାବି କରିଛନ୍ତି।

# ଅବିଶ୍ରାନ୍ତ ବର୍ଷା, ଚାଷୀ ମୁଣ୍ଡରେ ଚଡ଼କ

- ବ୍ୟାପକ ଚାଷଜମି ଜଳମଗ୍ନ
- ତୁଣ୍ଡି ପୋଲ ଉପରେ ୨ଫୁଟର ପାଣି

**ବାଲିକୁଦା,୭।୯(ସ୍ୱ.ପ୍ର.)**



ତୁଣ୍ଡି ପୋଲ ଉପରେ ପ୍ରବାହିତ ହେଉଥିବା ବର୍ଷା ଜଳ।

ଦୁଇଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ପ୍ରଭାବରେ ଜଗତ୍‌ସିଂହପୁର ଜିଲା ବାଲିକୁଦାର ବ୍ୟାପକ ଅଞ୍ଚଳ ଜଳାର୍ଣ୍ଣବ ହୋଇଛି। ଏହି ବ୍ଲକ ଅଧୀନ ୩୦ ପଞ୍ଚାୟତର ଶହ ଶହ ଏକର ଧାନ ଫସଲ ପାଣିରେ ବୁଡ଼ି ରହିଛି। ଅନ୍ୟପକ୍ଷରେ ଜଳ ନିଷ୍କାସନ ହୋଇପାରୁ ନ ଥିବାରୁ ଚାଷୀ ଚିନ୍ତାରେ ପଡିଛନ୍ତି। ସେହିପରି ବାଲିକୁଦାର ୧୦ ପଞ୍ଚାୟତବାସୀଙ୍କ ଯାତାୟାତର ମୁଖ୍ୟ ମାଧ୍ୟମ ଗଇଠିପୁର-କୁଶୁପୁର ରାସ୍ତାର ତୁଣ୍ଡି ପୋଲ ଉପରେ ୨ଫୁଟର ପାଣି ପ୍ରବାହିତ ହେଉଛି। ପ୍ରକାଶ ଯେ, ଏହି ଅଞ୍ଚଳରେ ଚଳିତବର୍ଷ ଚାଷକାର୍ଯ୍ୟ ଆରମ୍ଭରୁ ବୃଷ୍ଟିପାତ ହୋଇଥିଲା। ଫଳରେ ବ୍ୟାପକ ଜମିରେ ବିହନ ଗଜା ହୋଇ ନଷ୍ଟ ହୋଇଯାଇଥିଲା। ପରେ ଆଷାଢ ଓ ଶ୍ରାବଣ ମାସରେ ଆଉ ବର୍ଷା ହୋଇ ନ ଥିଲା। ଭାଦ୍ରବ ମାସରେ ବର୍ଷା ହେବାରୁ ଚାଷୀ ଶେଷ ମୁହୂର୍ତ୍ତରେ ବହୁ କଷ୍ଟରେ ରୁଆ ବେଉଷଣ କରିଥିଲେ। ମାତ୍ର ୨ ଦିନ ହେଲା ଲଘୁଚାପ ବର୍ଷା ହେବା ଫଳରେ ଚାଷଜମି ଜଳମଗ୍ନ ହୋଇଛି। ଏହି ବ୍ଲକର ଡେଙ୍ଗାପୋଲ, ଅରିଲୋ, ଇଛାପୁର, ଗରାମ, ସଂଗ୍ରାମପୁର, ଖାଁଙ୍କରପୁର, ରାୟରପୁର, ଝାରପିଟ, ବାହାରଣା, ଥାଇଲୋ, କଟିକଟା, ଅଳାବୋଳ, ତଣ୍ଡିକୂଳ, ନାଗପୁର, ବାଲିକୁଦା, ଈଶ୍ୱରପୁର, ବଡ଼ଗାଁ, ଗଇଠିପୁର, କଣିଆ, ବଡରୋଡଙ୍ଗ, ତେର୍ତ୍ତାଙ୍ଗ, ନାରଦିଆ, ରାହାଣ, ଓଷକଣା, ଓରଣ୍ଡ, ଚତରାମୁଣ୍ଡେଇ, ଓଳାସ, କୁଶୁପୁର, ଅନନ୍ତପୁର, ବଳଭଦ୍ରପୁର, ବ୍ରାହ୍ମଣ୍ଡି, ପାଟପୁର, ଘୋଷାଘର, ବୋରିକିନା, ତିଡିରା ଆଦି ଅଞ୍ଚଳରେ ଗହୀରରେ ପାଣି ଜମି ରହିଛି। ତୁରନ୍ତ ଜଳ ନିଷ୍କାସନ ବ୍ୟବସ୍ଥା କରିବାକୁ ବିଭାଗୀୟ ଅଧିକାରୀ ପଦକ୍ଷେପ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ରବିବାର, ସେପ୍ଟେମ୍ବର ୮/୨୦୧୯ Bhubaneswar, Sunday, September 8/2019




## ପିଆଇସିଟି ପାଇଁ ବଢୁଛି ଅଡୁଆ

# ବାରମ୍ବାର ଘଟୁଛି ଦୁର୍ଘଟଣା, କମ୍ପାନୀକୁ ନୋଟିସ

ପାରାଦୀପ,୭।୯(ସ୍ୱ.ପ୍ର.)

ପାରାଦୀପ ବନ୍ଦରରେ ୩୦ ବର୍ଷିଆ ଚୁକ୍ତିରେ କ୍ଲିନ୍ କାର୍ଗୋ ବର୍ଥ ନେଇଥିବା ଜେ.ଏମ୍. ବକ୍ସି ଗ୍ରୁପ୍‌ର ପିଆଇସିଟି (ପାରାଦୀପ ଇଣ୍ଟରନ୍ୟାଶନାଲ କାର୍ଗୋ ଟର୍ମିନାଲ) କମ୍ପାନୀ ପାଇଁ ଅଡୁଆ ବଢିବାରେ ଲାଗିଛି। ବିଶେଷକରି ଉକ୍ତ ପ୍ରକଳ୍ପରେ ଅଧିକାଂଶ ସମୟରେ ଦୁର୍ଘଟଣା ଘଟି ଶ୍ରମିକ ଓ କର୍ମଚାରୀ ମୃତାହତ ହେଉଛନ୍ତି। ଅପରପକ୍ଷେ ସେହି କମ୍ପାନୀକୁ ସୁରକ୍ଷା କ୍ଷେତ୍ରରେ ଆଇଏସ୍‌ଓ ସାର୍ଟିଫିକେଟ ମିଳିଛି ବୋଲି କମ୍ପାନୀ ଦୃଢତାର ସହ କହୁଛି। ସ୍ଥିତି ଏପରି ଥିବାବେଳେ ଏବେ କେନ୍ଦ୍ରୀୟ ଶ୍ରମ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ପିଆଇସିଟି ବିରୋଧରେ ବିଷୋଦ୍‌ଗାର କରିଛି। ଲଗାତାର ଦୁର୍ଘଟଣାରେ ଶ୍ରମିକ ଆହତ ହେବା ଘଟଣାରେ ସମ୍ପୃକ୍ତ କମ୍ପାନୀକୁ ନୋଟିସ କରାଯାଇଛି ବୋଲି କେନ୍ଦ୍ରୀୟ ଶ୍ରମ ପ୍ରବର୍ତ୍ତନ ଅଧିକାରୀ (ଏଲ୍‌ଇଓ) ଶିଶିର କୁମାର ସେଠୀ କହିଛନ୍ତି। ସୂଚନାଯୋଗ୍ୟ, ଗତ ୨ ଓ ୩ ତାରିଖରେ ପୃଥକ ଦୁର୍ଘଟଣାରେ ଦୁଇଜଣ ଶ୍ରମିକ ଗୁରୁତର ଆହତ ହୋଇଥିଲେ। ଜଣଙ୍କ ପେଟରେ କ୍ରେନରେ ଥିବା କଏଲ ବାଜିବାରୁ ତାଙ୍କ



ଅବସ୍ଥା ସଙ୍କଟାପନ୍ନ ରହିଛି। କେନ୍ଦ୍ରୀୟ ଶ୍ରମ ଆଇନ ବି ଏମ୍ପ୍ଲୋଇ କମ୍ପାନ୍‌ସେଶନ ଆକ୍ଟ- ୧୯୨୩ ଅନୁସାରେ ବନ୍ଦରରେ କାର୍ଯ୍ୟରତ ଶ୍ରମିକ-କର୍ମଚାରୀଙ୍କ ଦୁର୍ଘଟଣା ଘଟିଲେ, ସମ୍ପୃକ୍ତ ନିଯୁକ୍ତିକାରୀ ଠିକାସଂସ୍ଥା ୨୪ଘଣ୍ଟା ଭିତରେ ଏଲ୍‌ଇଓ (ଲେବର ଏନ୍‌ଫୋର୍ସମେଣ୍ଟ ଅଫିସର) କେନ୍ଦ୍ରୀୟ ଓ ଡିଏଲ୍‌ସି (ଡିଷ୍ଟ୍ରିକ୍ଟ ଲେବର କମିଶନ)ଙ୍କୁ ରିପୋର୍ଟ କରିବା କଥା। କିନ୍ତୁ ପିଆଇସିଟି କାର୍ଯ୍ୟକ୍ଷମ ହେବା ପରଠାରୁ ଏଯାବତ୍ ୧୫ରୁ ଊର୍ଦ୍ଧ୍ୱ ଦୁର୍ଘଟଣା ଘଟିଥିଲେ ହେଁ କୌଣସିଥର ନିଜ ଆଡୁ ରିପୋର୍ଟ କରିନାହିଁ ବୋଲି ଡିଏଲ୍‌ସି କୁମୁଦ ରଞ୍ଜନ ଦାସ କହିଛନ୍ତି। ଏ ସମ୍ପର୍କରେ ସେମାନେ ଆହତ ଶ୍ରମିକଙ୍କ ପକ୍ଷରୁ ଅଭିଯୋଗ ପାଉଛନ୍ତି, ନଚେତ ଗଣମାଧ୍ୟମରୁ ଜାଣୁଛନ୍ତି। ସେତେବେଳକୁ ବିଳମ୍ବ ହୋଇଯାଉଥିବାରୁ ତଦନ୍ତ ଠିକ୍ ଭାବେ ହୋଇପାରୁନି। ତେଣୁ ଏଥର ବାଧହୋଇ ସମ୍ପୃକ୍ତ କମ୍ପାନୀକୁ ନୋଟିସ କରାଯାଇଛି ବୋଲି ଦୁଇ ଶ୍ରମ ଅଧିକାରୀ କହିଛନ୍ତି। ଉକ୍ତ କମ୍ପାନୀ ଜାହାଜରେ କଣ୍ଟେନର କାର୍ଗୋ ବୋଝେଇ ଖଲାସ କରିବାବେଳେ ଏପରି ପ୍ରାୟତଃ ଦୁର୍ଘଟଣା ଘଟୁଛି। ୨୦୧୮ ପ୍ରଥମାର୍ଦ୍ଧରେ କେତେକ ଲୁହା ପାଇପ ପୋତାଶ୍ରୟକୁ ଖସିଥିଲା। କଏଲ ବୋଝେଇ ବେଳେ କେନ୍ରରୁ ରଶି ଛିଡି ବର୍ଥରେ ପଡିଛି। ସାର ବ୍ୟାଗିଙ୍ଗ୍ ବେଳେ କନ୍‌ଭେୟର ବେଲ୍ଟରେ ଶ୍ରମିକଙ୍କ ହାତ କଟିଛି। ପାଇପ ଖସିବାରୁ ୪ ମାସ ତଳେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଏ ପ୍ରସଙ୍ଗରେ କମ୍ପାନୀର ମାନବ ସମ୍ବଳ ଅଧିକାରୀ କୁଳମଣି ପଣ୍ଡାଙ୍କୁ ପଚାରିବାରେ ସେ କହିଲେ ଯେ, ଏମିତି ଛୋଟମୋଟ ଦୁର୍ଘଟଣା ଘଟିଛି। ଯେତେବେଳେ ଦୁଘଟଣା ଘଟିଛି, ସେତେବେଳେ କମ୍ପାନୀ ପକ୍ଷରୁ ତତ୍କାଳ ପଦକ୍ଷେପ ନିଆଯାଇଛି। ଏ ସମ୍ପର୍କରେ ଶ୍ରମ ବିଭାଗକୁ ଅବଗତ କରା ନଯିବା ସମ୍ପର୍କରେ ପଚାରିବାରେ ସେ କହିଲେ ଯେ ଆମେ ବେଳେବେଳେ ଓଭର ଟେଲିଫୋନରେ କହିଥାଉ ବୋଲି କହି ପ୍ରସଙ୍ଗକୁ ଏଡାଇ ଯାଇଥିଲେ।

NATIONAL EGG CO-ORDINATION COMMITTEE 07.09.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 55 | 100 | 110 |
| CTC | 55 | 100 | 110 |
| DKL | 56 | 101 | 111 |
| BDK | 55 | 100 | 110 |
| BLS | 56 | 101 | 111 |
| ANG | 55 | 100 | 110 |
| BHM | 50 | 93 | 103 |

*Conditions Apply
Eggs Retail Price- 42/-Dozen
Issued in the Interest of Consumers

# ପ୍ରବଳ ବର୍ଷା, ୩ ଗୋରୁଙ୍କ ଅସ୍ୱାଭାବିକ ମୃତ୍ୟୁ

ପାରାଦୀପ,୭।୯(ସ୍ୱ.ପ୍ର.)

ଶୁକ୍ରବାରଠାରୁ ପାରାଦୀପରେ ମୂଷଳ ବର୍ଷା ସହ ଘଡ଼ଘଡ଼ି ଲାଗି ରହିଛି। ଏହାର ପ୍ରଭାବରେ କେତେକ ଅଞ୍ଚଳ ଜଳମଗ୍ନ ହୋଇଗଲାଣି। ଏହି ବର୍ଷା ଘଡ଼ଘଡ଼ିରେ ବଡ଼ପଡ଼ିଆ-ଅଠରବାଙ୍କି ରାସ୍ତାର କନଭେୟର ବେଲ୍ଟ ପାଖରେ ୩ ଗୋରୁ (୨ଷଣ୍ଢ, ୧ ଗାଈ)ଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। ୫୦ରୁ ୧୦୦ ମିଟର ବ୍ୟବଧାନରେ ଗୋରୁ ମରିପଡ଼ିଥିବା ଶନିବାର ସକାଳେ ଦେଖିବାକୁ ମିଳିଥିଲା। ମୃତ୍ୟୁର କାରଣ ଅସ୍ପଷ୍ଟ ଥିଲେ ହେଁ ବଜ୍ରପାତ ଜନିତ ବୋଲି କୁହାଯାଉଛି। ମୃତଗୋରୁଙ୍କ ପାଟି, ନାକ ଓ ମଳଦ୍ୱାରରୁ ରକ୍ତ ବାହାରୁଥିବା ଦେଖିବାକୁ ମିଳିଛି। ସକାଳୁ ପୌରପାଳିକାର କର୍ମଚାରୀମାନେ ଯାଇ ମୃତ ଗାଈ ଓ ଷଣ୍ଢଙ୍କୁ ରାସ୍ତାରୁ ହଟାଇଥିଲେ।

ଶ୍ରୀରାମ ରକ୍ଷା କବଚ
ଜୀବନର ଯେ କୌଣସି ସମସ୍ୟାର ସମାଧାନ ପାଇଁ ବହୁ ପରୀକ୍ଷିତ ଶ୍ରୀରାମ ରକ୍ଷା କବଚ ନୀତି ନିୟମରେ ଧାରଣ କରନ୍ତୁ। ପ୍ରାପ୍ତି ପାଇଁ ଯୋଗାଯୋଗ କରନ୍ତୁ:
ଶ୍ରୀ ରବି ମିଶ୍ର
ତାରିଣୀ ବିହାର, କୁମ୍ଭାରସାହି, ବିଡ଼ାନାସୀ, କଟକ - ୧୪
ମୋ: ୯୪୩୯୧୪୯୯୭୫




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

## ସଂକ୍ଷେପରେ

### ଲଗାଣ ବର୍ଷା: କାନ୍ଥ ଭୁଶୁଡ଼ି ବୃଦ୍ଧ ମୃତ

ରଣପୁର,୭।୯(ସ୍ୱ.ପ୍ର.): ରଣପୁର ବ୍ଲକ ଅଞ୍ଚଳରେ ଦୁଇଦିନ ଧରି ଲଗାଣବର୍ଷା ଲାଗିରହିଛି। ଏହାର ପ୍ରଭାବରେ ଓଦାକାନ୍ଥ ଭୁଶୁଡି ବ୍ରଜରାଜପୁର ପଞ୍ଚାୟତ ଶ୍ୟାମଘନପୁର ଗାଁର ପରମାନନ୍ଦ ପାତ୍ର(୯୩)ଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ରାତିରେ ପରମାନନ୍ଦ ଘରେ ଶୋଇଥିବାବେଳେ ବର୍ଷାରେ ଓଦା ହୋଇଥିବା କାନ୍ଥ ହଠାତ୍ ଭୁଶୁଡି ପଡିଥିଲା। ସ୍ଥାନୀୟ ଲୋକେ ମାଟିକାନ୍ଥ ତଳୁ ଉଦ୍ଧାର କରିଥିଲେ ମଧ ତାଙ୍କର ମୃତ୍ୟୁ ହୋଇସାରିଥିଲା ।

### ବାଇକ୍ ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ

ଗଣିଆ,୭।୯ (ଡି.ଏନ.ଏ.): ବ୍ୟବସାୟ ସାରି ଘରକୁ ଫେରୁଥିବା ବେଳେ ଶନିବାର ବାଇକ୍ ଦୁର୍ଘଟଣାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଗଣିଆ ଥାନା ବିଜୟନଗର ଗ୍ରାମର କେଶବ ମଲ୍ଲିକ (୩୦) । ମିଳିଥିବା ସୂଚନା ଅନୁଯାୟୀ, କେଶବଙ୍କ ସମେତ ଗ୍ରାମର ୪ଜଣ ବ୍ୟବସାୟୀ ସକାଳୁ ଦଶପଲ୍ଲା ଥାନା ବୁଗୁଡା ଅଞ୍ଚଳକୁ ଚୁଟି ବ୍ୟବସାୟ କରିବାକୁ ଯାଇଥିଲେ। ମଧ୍ୟାହ୍ନରେ ଫେରୁଥିବା ବେଳେ ଖୋର୍ଦ୍ଧା-ବଲାଙ୍ଗୀର ୫୭ନଂ. ଜାତୀୟ ରାଜପଥର ବୁଗୁଡା କଲୋନୀ ନିକଟ ରାସ୍ତା ପାର୍ଶ୍ୱରେ ଥିବା ଏକ ସିମେଣ୍ଟ ଖୁଣ୍ଟରେ ବାଇକ୍ ପିଟି ହୋଇଯିବାରୁ କେଶବ ଗୁରୁତର ହୋଇପଡିଥିଲେ। କିଛି ସମୟ ପରେ ଅନ୍ୟ ସାଥୀ ବେପାରୀମାନେ ସେଠାରେ ପହଞ୍ଚି ପରିବାର ଲୋକଙ୍କୁ ଖବର ଦେବା ସହ ଅଟୋ ଯୋଗେ ଗଣିଆ ଡାକ୍ତରଖାନା ନେଇଥିଲେ। ଡାକ୍ତରଙ୍କ ପରାମର୍ଶରେ ସେଠାରୁ ଆମ୍ବୁଲାନ୍ସ ଯୋଗେ ତାଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଉଥିଲା। ହେଲେ ଯିବା ବାଟରେ କଣ୍ଟିଲୋ ନିକଟରେ ତାଙ୍କର ମୃତ୍ୟୁ ଘଟିଥିଲା। ଗଣିଆ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି ।

### ଜିଲା ପୋଲିସ ପକ୍ଷରୁ କରାଗଲା ସଚେତନତା

ନୟାଗଡ଼ ଅଫିସ, ୭।୯- ନୟାଗଡ଼ ଜିଲା ପୋଲିସ ପକ୍ଷରୁ ଶନିବାର ବିଭିନ୍ନ ଯାନବାହନର ଚାଳକମାନଙ୍କୁ ସଚେତନ କରାଯାଇଥିଲା। ଏସ୍‌ପି ଶଶିଭୂଷଣ ଶତପଥୀଙ୍କ ସମେତ ପୋଲିସ ଅଧିକାରୀମାନେ ଯୋଗଦେଇ ଗାଡି ଚାଳକମାନଙ୍କୁ ସଚେତନ କରାଇଥିଲେ। ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଦ୍ୱାରା ନୂଆ ନିୟମ ପ୍ରଣୟନ କରାଯାଇଥିବାରୁ ସଚେତନ ହେଲେ ଜରିମାନାରୁ ବଞ୍ଚିତ ହୋଇପାରିବେ ବୋଲି ଚାଳକମାନଙ୍କୁ ବୁଝାଇଥିଲେ। ଆଗାମୀ ଦିନରେ ଚଢ଼ାଉ ଜୋରଦାର ହେବାକୁ ଥିବାରୁ ସଡ଼କ ସୁରକ୍ଷା ନିୟମ ପାଳନ କରିବାକୁ କୁହାଯାଇଥିଲା। ଅନ୍ୟମାନଙ୍କ ମଧରେ ଏହି ସଚେତନତା କାର୍ଯ୍ୟକ୍ରମରେ ଅତିରିକ୍ତ ଏସ୍‌ପି ଦିଲ୍ଲୀପ ସାହାଣୀ, ଟାଉନ ଥାନା ଅଧିକାରୀ ଜୟଦୀପ ମହାନ୍ତିଙ୍କ ସମେତ ଟାଉନଥାନାର କର୍ମଚାରୀମାନେ ଉପସ୍ଥିତ ଥିଲେ।

■ ରଣପୁର ବାଳିକା ଉଚ୍ଚ ବିଦ୍ୟାଳୟ

# ଭୁଶୁଡ଼ିଲା ୬୦ ଫୁଟ୍‌ର ତାଜା, ଲିନ୍‌ଟେଲ

ରଣପୁର, ୭।୯(ସ୍ୱ.ପ୍ର.)

ଶନିବାର ଭୋର ସମୟରେ ପ୍ରାର୍ଥନା ହେଉଥିବାବେଳେ ନୟାଗଡ଼ ଜିଲା ରଣପୁର ବାଳିକା ଉଚ୍ଚ ବିଦ୍ୟାଳୟ ଉପର ମହଲାରେ ନିର୍ମାଣାଧୀନ ଗୃହର ୬୦ ଫୁଟ୍‌ର ତାଜା ଓ ଲିନ୍‌ଟେଲ ଭୁଶୁଡି ପଡିଛି। ହେଲେ ଏଥିରେ କାହାରି କ୍ଷତି ହୋଇନାହିଁ। ପ୍ରାର୍ଥନା କ୍ଲାସ ସେମାନଙ୍କୁ ବଞ୍ଚାଇଦେଲା ବୋଲି ଛାତ୍ରୀମାନେ କହିଛନ୍ତି। ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଥିବା ଏହି ବିଦ୍ୟାଳୟରେ ୧୫୦ ଛାତ୍ରୀ ପାଠ ପଢ଼ନ୍ତି। ଘଟଣା ପରେ ଛାତ୍ରୀ, ଅଭିଭାବକ, ସ୍କୁଲ ଶିକ୍ଷକ ଭୟଭୀତ ହୋଇ ପଡିଛନ୍ତି। ଏ ନେଇ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ବସନ୍ତ କୁମାର ସାହୁ କୁହନ୍ତି, ଅର୍ଦ୍ଧନିର୍ମିତ ଘର ହୋଇଥିଲେ ହେଁ ବିପଦସଙ୍କୁଳ ଥିଲା। ପୁଣି ୨ଦିନ ହେଲା ଲଗାଣ ବର୍ଷା ଲାଗିରହିଥିଲା। ଏଥିଯୋଗୁ ଆମେ ଛାତ୍ରୀମାନଙ୍କୁ ଅନ୍ୟତ୍ର ବସାଉଥିଲୁ। ଯାହାହେଉ କାହାରି କିଛି ଅସୁବିଧା ହୋଇ ନାହିଁ।


ବିଦ୍ୟାଳୟ ଗୃହ ତାଜା ଭାଙ୍ଗିପଡ଼ିଛି।

### ବିପଦସଙ୍କୁଳ ଘର ଭଙ୍ଗାଯାଇ ନ ଥିଲା

ରଣପୁର ବାଳିକା ଉଚ୍ଚ ବିଦ୍ୟାଳୟ ଉପର ମହଲାରେ ଲିନ୍‌ଟେଲ ପତନ ପର୍ଯ୍ୟନ୍ତ ଥିବା ଘର ୨ବର୍ଷ ତଳେ ତିଆରି ହୋଇଥିଲା। ପୂର୍ଣ୍ଣାଙ୍ଗ କାମ ନ ହୋଇ ୨ବର୍ଷର ଘର ବିପଦସଙ୍କୁଳ ଥିଲେ ମଧ ତାହାକୁ ଭଙ୍ଗାଯାଇ ନ ଥିଲା। ଯଦି କିଛି ଅଘଟଣ ଘଟିଥାନ୍ତା ତେବେ କିଏ ଦାୟୀ ହୋଇଥାନ୍ତା ବୋଲି ସାଧାରଣରେ ପ୍ରଶ୍ନ ଉଠୁଛି। ଅର୍ଦ୍ଧନିର୍ମିତ ଘର ନ ଭାଙ୍ଗିବା ପଛରେ କିଏ ଦାୟୀ ତା'ର ତଦନ୍ତ ହେବା ଦରକାର। ସେହିପରି ସିମେଣ୍ଟ, ଇଟାରେ ତିଆରି ହୋଇଥିବା ଘର ମାତ୍ର ୨ବର୍ଷ ମଧ୍ୟରେ ଭାଙ୍ଗିଥିବାରୁ ଏହା ନିମ୍ନମାନର କାମ ବୋଲି ସ୍ପଷ୍ଟ ହୋଇଛି। ତେଣୁ ଯେଉଁ ଠିକାଦାର ଏହାକୁ ନିର୍ମାଣ କରିଥିଲେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଆବଶ୍ୟକ ବୋଲି ସ୍ଥାନୀୟ ବୁଦ୍ଧିଜୀବୀମାନେ ମତ ଦେଇଛନ୍ତି। ଅନ୍ୟପକ୍ଷେ ରଣପୁର ପୂର୍ତ୍ତ ବିଭାଗର ସହକାରୀ ଯନ୍ତ୍ରୀଙ୍କ କାର୍ଯ୍ୟାଳୟଠାରୁ ମାତ୍ର ୨୦ଫୁଟ ଦୂରରେ ରହିଛି ବିଦ୍ୟାଳୟ। ନିଜ କାର୍ଯ୍ୟାଳୟ ନିକଟରେ ଥିବାବେଳେ ବିଦ୍ୟାଳୟର ବିପଦସଙ୍କୁଳ ଅର୍ଦ୍ଧନିର୍ମିତ ଘରକୁ ତଦନ୍ତ ନ କରିବା ପରିତାପର ବିଷୟ ହୋଇଛି। ଏ ସମ୍ପର୍କରେ ନୟାଗଡ଼ ପୂର୍ତ୍ତ ବିଭାଗର ନିର୍ବାହୀ ଯନ୍ତ୍ରୀ ତୁଷାରକାନ୍ତ ପଣ୍ଡାଙ୍କୁ ପଚାରିବାରୁ ସେ କହିଥିଲେ, ୨ବର୍ଷ ତଳେ ନିର୍ମାଣ ହୋଇଥିବା ଘର କେଉଁ ପରିସ୍ଥିତିରେ ଭୁଶୁଡିଲା ତା'ର ତଦନ୍ତ କରାଯାଇ ପଦକ୍ଷେପ ନିଆଯିବ।

### 'ପ୍ରାର୍ଥନା କ୍ଲାସ ଆମକୁ ବଞ୍ଚାଇଦେଲା'

### ୭ ଶିଶୁଙ୍କ ମୃତ୍ୟୁ ପରେ ବି ନାହିଁ ଚିନ୍ତା

୨୦୧୨ ଜୁଲାଇ ୯ରେ ରଣପୁର ସୁଆଁସିଆ ସାହିରେ ଚାଲୁଥିବା ଅଙ୍ଗନୱାଡି କେନ୍ଦ୍ରର କାନ୍ଥ ଭୁଶୁଡି ୭ଜଣ ଶିଶୁ ପ୍ରାଣ ହରାଇଥିଲେ। ଏହି ଘଟଣା କେବଳ ଜିଲା ନୁହେଁ ରାଜ୍ୟବାସୀଙ୍କୁ ସ୍ତବ୍ଧ କରିଦେଇଥିଲା। ଏହା ପରେ ବି ପ୍ରଶାସନର ଚେତା ଫେରୁନି। ୭ ବର୍ଷ ପରେ ବାଳିକା ଉଚ୍ଚ ବିଦ୍ୟାଳୟ ଉପର ମହଲାରେ ୬୦ ଫୁଟର ତାଜା ଓ ଲିନ୍‌ଟେଲ ଭୁଶୁଡିବା ପ୍ରଶାସନର ଖାମଖିଆଲ ମନୋଭାବକୁ ପଦାରେ ପକାଇଛି।

## ଏଇ ସପ୍ତାହର କାର୍ଯ୍ୟକ୍ରମ

**୮ ତାରିଖ (ରବିବାର)**
- ବିଜେଡିର ଜିଲା କାର୍ଯ୍ୟକାରିଣୀ ବୈଠକ
  ସ୍ଥାନ- ନୀଳମାଧବ କଲ୍ୟାଣମଣ୍ଡପ, ନୟାଗଡ଼, ସମୟ- ପୂର୍ବାହ୍ନ ୧୧ଟା
- ବିଶ୍ୱ ସାକ୍ଷରତା ଦିବସ ପାଳନ
  ସ୍ଥାନ- ରଘୁନାଥ ସମବାୟ ମହାବିଦ୍ୟାଳୟ , ଓଡ଼ଗାଁ , ସମୟ- ସକାଳ ୯ଟା
- ପୁରାତନ ଶିକ୍ଷକ ପ୍ରଶିକ୍ଷାର୍ଥୀ ସଙ୍ଗଠନ ବୈଠକ
  ସ୍ଥାନ- ଇନ୍‌ଡୋର ଷ୍ଟାଡ଼ିୟମ, ନୟାଗଡ଼, ସମୟ- ମଧାହ୍ନ ୧୨ଟା ୩୦

**୯ ତାରିଖ (ସୋମବାର)**
- ନୀଳମାଧବ ପୀଠରେ ପାର୍ଶ୍ୱ ପରିବର୍ତ୍ତନ ଏକାଦଶୀ
  ସ୍ଥାନ- ନୀଳମାଧବ ପୀଠ, କଣ୍ଟିଲୋ, ସମୟ- ସକାଳ ୮ଟା

**୧୦ ତାରିଖ (ମଙ୍ଗଳବାର)**
- ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର
  ସ୍ଥାନ- ଜିଲାପାଳଙ୍କ କାର୍ଯ୍ୟାଳୟ ପରିସର, ନୟାଗଡ଼, ସମୟ- ପୂର୍ବାହ୍ନ ୧୧ଟା
- କଂସାପିତ୍ତଳ ବାସନ କାରିଗରଙ୍କ ବାମନ ଉତ୍ସବ
  ସ୍ଥାନ - କଣ୍ଟିଲୋର ବିଭିନ୍ନ ଅନୁଷ୍ଠାନ, ସମୟ- ସକାଳ ୮ଟା

**୧୨ ତାରିଖ (ଗୁରୁବାର)**
- ଜାତୀୟ ଲୋକ ଅଦାଲତ ପାଇଁ ପ୍ରସ୍ତୁତି ବୈଠକ
  ସ୍ଥାନ- ଜିଲା ଓ ଦୌରାଜଜ୍‌ଙ୍କ ସମ୍ମିଳନୀ କକ୍ଷ, ସମୟ- ଅପରାହ୍ନ ୩ଟା
- ନୀଳମାଧବ ପୀଠରେ ଅନନ୍ତମୁଖୀ ପର୍ବ ପାଳନ
  ସ୍ଥାନ- ନୀଳମାଧବ ପୀଠ, କଣ୍ଟିଲୋ, ସମୟ- ଅପରାହ୍ନ ୨ଟା
- ପୂର୍ବତନ ବିଧାୟକ ଅରୁଣ ପଟ୍ଟନାୟକଙ୍କ ୨୩ତମ ଶ୍ରାଦ୍ଧବାର୍ଷିକ ଉତ୍ସବ
  ସ୍ଥାନ- ଅରୁଣ ଭବନ, ଖଣ୍ଡପଡ଼ା, ସମୟ- ପୂର୍ବାହ୍ନ ୧୧ଟା

**୧୪ ତାରିଖ (ଶନିବାର)**
- ଜାତୀୟ ଲୋକ ଅଦାଲତ
  ସ୍ଥାନ- ଜିଲା ଓ ଦୌରାଜଜ୍‌ଙ୍କ ପରିସର, ସମୟ- ପୂର୍ବାହ୍ନ ୧୦ଟା

## ଗୋଷ୍ଠୀ ସଂଘର୍ଷ: ୨ ଆହତ

ଗଣିଆ, ୭।୯ (ଡି.ଏନ.ଏ.)

ଗଣିଆ ଥାନା ଆଡକଟା ପଞ୍ଚାୟତ କାଳିକାପ୍ରସାଦ ଗ୍ରାମରେ ଶନିବାର ମହିଳା ଏସ୍‌ଏଚଜି ଗ୍ରୁପ୍ ଋଣକୁ ନେଇ ୨ଗୋଷ୍ଠୀ ମଧ୍ୟରେ ସଂଘର୍ଷ ହୋଇଛି । ଏଥିରେ ଗୋଟିଏ ଗୋଷ୍ଠୀର ୨ଜଣ ଆହତ ହୋଇ ଗଣିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଆହତ ଦ୍ୱୟ ହେଲେ ସେହି ଗ୍ରାମର ପବିତ୍ର ପ୍ରଧାନ (୪୮) ଓ ଧୋବଣୀ ସ୍ୱାଇଁ (୫୫)। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ, ଗ୍ରାମର ଅମିନ ସ୍ୱାଇଁଙ୍କ ସ୍ତ୍ରୀ ମିନା ଗ୍ରାମର କିଛି ଲୋକଙ୍କଠାରୁ ହାତଉଧାରି ସହ କିଛି ମହିଳା ଗ୍ରୁପରୁ ଋଣ ଟଙ୍କା ଆଣିଥିଲେ। ଋଣ ଶୁଝିବାରେ ବିଳମ୍ବ ହେବାରୁ ଉକ୍ତ ଘଟଣାକୁ ନେଇ ଗ୍ରାମସଭା ବସିଥିଲା। ସଭାରେ ମିନା ଓ ଅମିନ କିଛିଦିନ ବ୍ୟବଧାନରେ ଋଣ ଟଙ୍କା ଶୁଝିବାକୁ କହିଥିଲେ। ହେଲେ ପୁଣିଥରେ ବିଳମ୍ବ ହେବା ସହ ଗ୍ରାମସଭା ନିଷ୍ପତ୍ତିକୁ ଅମିନ ଓ ମିନା ମାନି ନ ଥିଲେ । ଫଳରେ ଗ୍ରାମରେ ସେମାନଙ୍କୁ ବାସନ୍ଦ ରଖାଯାଇଥିବା ମିନା ତାଙ୍କ ଅଭିଯୋଗପତ୍ରରେ ଦର୍ଶାଇଛନ୍ତି। ଏପରିସ୍ଥଳେ ଶନିବାର ଅପରାହ୍ନରେ ଗ୍ରାମର କାହ୍ନୁ ସ୍ୱାଇଁ, ସୁମତି ସ୍ୱାଇଁ, କେଶବ ସ୍ୱାଇଁ, ପବିତ୍ର ପ୍ରଧାନ, ସନ୍ତୋଷ ସ୍ୱାଇଁ ଓ ଜଗନ୍ନାଥ ପ୍ରଧାନ ଅମିନ ଓ ମିନାକୁ ଟଙ୍କା ମାଗିଥିଲେ । ଏହାକୁ ନେଇ ଉଭୟପକ୍ଷ ମଧ୍ୟରେ ପାଟିତୁଣ୍ଡ ଓ ପରେ ମାରପିଟ୍ ହୋଇଥିଲା। ଏଥିରେ ଦୁଇଜଣ ଆହତ ହୋଇଥିଲେ। ଖବର ପାଇ ଗଣିଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛି। ଘଟଣାକୁ ନେଇ ଗୋଟିଏ ଗୋଷ୍ଠୀ ତରଫରୁ ଦାଶରଥି ସ୍ୱାଇଁ, ଅମିନ ସ୍ୱାଇଁ ଓ ମିନା ସ୍ୱାଇଁ ଗଣିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଖବର ଲେଖାଯିବା ବେଳକୁ ଅନ୍ୟ ଗୋଷ୍ଠୀ ଥାନାରେ ଅଭିଯୋଗ କରି ନ ଥିବା ଜଣାପଡିଛି ।


ଆହତ ପବିତ୍ର।

## ଜଗତେଶ୍ୱରଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

କୃଷ୍ଣପ୍ରସାଦ,୭।୯(ଡି.ଏନ.ଏ.)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ ନବାଗାଁରେ ବିଜେ ଜଗତେଶ୍ୱରଙ୍କ ପୀଠରେ ଶୁକ୍ରବାରଠାରୁ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ୨୪ ମୌଜା ତରଫରୁ ଆରମ୍ଭ ହୋଇଥିବା ଏହି ଯଜ୍ଞ ୩ ଦିନ ଧରି ଚାଲିବ । ରବିବାର ଯଜ୍ଞରେ ପୂର୍ଣ୍ଣାହୁତି ଦିଆଯିବ। ବହୁ ସାଧୁସନ୍ଥ ଯୋଗଦେଇଥିବାବେଳେ ୨୦ରୁ ଉର୍ଦ୍ଧ୍ୱ ସଂକୀର୍ତ୍ତନ ଦଳ ଯୋଗଦେଇ ନାମଯଜ୍ଞ କରୁଛନ୍ତି । ଯଜ୍ଞ ଚାଲିଥିବାରୁ କୌଣସି ବ୍ୟକ୍ତି ଆମିଷ ସେବନ କରୁନାହାନ୍ତି ।

## ଛାତ୍ରୀଙ୍କୁ ଅଶ୍ଳୀଳ ଆଚରଣ: ଜେଲ ଗଲେ ଯୁବକ

ଟାଙ୍ଗୀ (ଖୋର୍ଦ୍ଧା),୭।୯ (ଡି.ଏନ.ଏ.)

ଛାତ୍ରୀଙ୍କୁ ଅଶ୍ଳୀଳ ଆଚରଣ ପ୍ରଦର୍ଶନ କରି ଟାଙ୍ଗୀ ଅଞ୍ଚଳର ଜଣେ ଯୁବକ ଜେଲ ଯାଇଛନ୍ତି। ସେ ହେଲେ ଟାଙ୍ଗୀ ଥାନା ଜଗନ୍ନାଥପୁର ସାହିର ଦୀପୁ ବେହେରା ଓରଫ ଓଲା (୧୯)। ଦଶମ ଶ୍ରେଣୀର ଜଣେ ଛାତ୍ରୀ ସନ୍ଧ୍ୟାରେ ଟ୍ୟୁଶନ ସାରି ଘରକୁ ଫେରୁଥିବାବେଳେ ଦୀପୁ ଅଟକାଇ ଅଶ୍ଳୀଳ ଆଚରଣ କରିଥିଲେ। ଏପରି କି ବିବାହ କରିବାକୁ କହିଥିଲେ। ଛାତ୍ରୀଜଣକ ରାଜି ନ ହେବାରୁ ଦୀପୁ ତାଙ୍କୁ ଧମକଚମକ ଦେଇଥିଲେ। ଛାତ୍ରୀ ଜଣକ ଘରକୁ ଆସି ଏ ସମ୍ପର୍କରେ ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁ କରି ଦୀପୁଙ୍କୁ କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଖୋର୍ଦ୍ଧା ଜେଲକୁ ପଠାଇ ଦିଆଯାଇଛି।

## ଖଳିସାହି ରାସ୍ତାରେ ନର୍ଦ୍ଦମାପାଣି

ଖଣ୍ଡପଡ଼ା,୭।୯(ସ୍ୱ.ପ୍ର.)

କଣ୍ଟିଲୋ-ଖଣ୍ଡପଡ଼ା-ନୟାଗଡ଼ ମୁଖ୍ୟ ପୂର୍ତ୍ତ ବିଭାଗ ରାସ୍ତା ଖଳିସାହି ବଜାର ମଧଦେଇ ଯାଇଛି । ଉକ୍ତ ରାସ୍ତାରେ ପ୍ରତ୍ୟହ ଶତାଧିକ ଭାରିଯାନ ଓ ଯାତ୍ରୀବାହୀ ବସ୍ ଚଳାଚଳ କରୁଛି । ଏହାଛଡା ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ଏହି ରାସ୍ତାଦେଇ ଖଣ୍ଡପଡ଼ା ଓ ନୟାଗଡ଼କୁ ଯାତାୟାତ କରୁଛନ୍ତି । ଏପରିସ୍ଥଳେ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ରାସ୍ତା ଉପରେ ନର୍ଦ୍ଦମା ପାଣିର ସୁଅ ଛୁଟୁଛି। ଖାଲଖମାପୂର୍ଣ୍ଣ ରାସ୍ତାରେ ବର୍ଷା ଜଳ ଜମି ରହି ପୂତି ଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ବିଶେଷ କରି ଦୂଷିତ ପାଣି ଉପର ଦେଇ ଯାତାୟାତ କରୁଥିବା ବିଭିନ୍ନ ଯାତ୍ରୀବାହୀ ବସ୍‌ଗୁଡିକ ଯୋଗୁ ରାସ୍ତାପାର୍ଶ୍ୱରେ ସ୍ଥାୟୀ ଗୃହ ନିର୍ମାଣ କରି ରହୁଥିବା ଜନସାଧାରଣ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରି କି ଦ୍ରୁତଗାମୀ ବସ୍‌ଗୁଡିକ ଯାଉଥିବା ସମୟରେ ଘର ମଧକୁ ନର୍ଦ୍ଦମାପାଣି ଛିଟିକି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛି। ତେଣୁ ବର୍ଷାଦିନ ଆସିଲେ ସେମାନଙ୍କ ଚିନ୍ତା ବଢିଯାଉଥିବା ଗ୍ରାମବାସୀ କହିଛନ୍ତି। ଏହି ରାସ୍ତା ପାର୍ଶ୍ୱରେ ଡ୍ରେନ ନିର୍ମାଣ ପାଇଁ ସ୍ଥାନୀୟ ବାସିନ୍ଦା ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଦାବି କରିଥିଲେ ମଧ ସୁଫଳ ମିଳି ନ ଥିବା କେତେଜଣ ଗ୍ରାମବାସୀ କହିଛନ୍ତି। ରାସ୍ତାଟି ଶ୍ରୀ ନୀଳମାଧବ ଜୀଉଙ୍କ କ୍ଷେତ୍ର କଣ୍ଟିଲୋକୁ ସଂଯୋଗ କରୁଥିବାରୁ ଦୈନିକ ବହୁ ଦୂରଦୂରାନ୍ତରୁ ପର୍ଯ୍ୟଟକମାନେ ଏହି ରାସ୍ତାରେ ଯା'ଆସ କରୁଛନ୍ତି । ସର୍ବସାଧାରଣଙ୍କ ହିତ ଦୃଷ୍ଟିରୁ ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରୁ ଜବରଦଖଲକାରୀଙ୍କୁ ହଟାଇ ଡ୍ରେନ ନିର୍ମାଣ ନିମନ୍ତେ ପୂର୍ତ୍ତ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଖଳିସାହି ଗ୍ରାମବାସୀ ଦାବି କରିଛନ୍ତି।


ନର୍ଦ୍ଦମା ପାଣିରେ ଲୋକ ଯିବାଆସିବା କରୁଛନ୍ତି।

## ନଦୀରେ ଭାସିଯାଇ ନାବାଳକ ନିଖୋଜ

ନୂଆଗାଁ, ୭।୯ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ବ୍ଲକଦେଇ ପ୍ରବାହିତ ବେଲପା ନଦୀରେ ଶନିବାର ଜଣେ ନାବାଳକ ଭାସିଯାଇ ନିଖୋଜ ହୋଇଯାଇଛନ୍ତି। ସେ ହେଲେ ଯାଜପୁର ଜିଲା ଗୋବିନ୍ଦପୁର ଗ୍ରାମର ସୁନାକର ସାହାଣୀଙ୍କ ପୁଅ ରତନ ସାହାଣୀ (୧୩)। ମିଳିଥିବା ସୂଚନା ଅନୁସାରେ ରତନ ପିଲାଦିନରୁ ସୋରଡା ଆସି ମାମୁ ପଞ୍ଚାନନ ନାୟକ ଓ ପାଣ୍ଡବ ନାୟକଙ୍କ ଘରେ ରହି କନ୍ଦଳବ ହାଇସ୍କୁଲରେ ଅଷ୍ଟମ ଶ୍ରେଣୀରେ ପଢନ୍ତି। ପ୍ରତିଦିନ ପରି ଶନିବାର ସେ ସ୍କୁଲରୁ ଘରକୁ ଫେରି ପୁନର୍ବାର ସାଇକେଲ ଧରି ବଢିପାଣି ଦେଖିବାକୁ ବେଲପା ନଦୀ ପୋଲ ନିକଟକୁ ଯାଇଥିଲେ। ସେଠାରେ ସେ ସାଇକେଲରେ ବସି ପୋଲ ପିଲାରରେ ଗୋଡ ରଖୁଥିବା ସମୟରେ ଖସିଯିବାରୁ ପାଣିରେ ପଡିଯାଇଥିଲେ। ଅଳ୍ପ ଦୂରରେ ଠିଆ ହୋଇଥିବା ଯୁବକ କବିରାଜ ନାୟକ ଏହାଦେଖି ତାଙ୍କୁ ଉଦ୍ଧାର ପାଇଁ ଚେଷ୍ଟା କରିଥିଲେ। ବିଫଳ ହେବାରୁ ସେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ଗ୍ରାମବାସୀ ଖୋଜାଖୋଜି କରିବା ସହ ନୂଆଗାଁ ଓ ଦଶପଲ୍ଲା ଦମକଳ ବାହିନୀକୁ ଖବର ଦେଇଥିଲେ। ଉଭୟ ଦମକଳବାହିନୀ ଖୋଜାଖୋଜି କରିଥିଲେ ମଧ୍ୟ ରତନଙ୍କର କୌଣସି ସନ୍ଧାନ ପାଇ ନ ଥିଲେ। ସୂଚନାଯୋଗ୍ୟ ଏହି ରାସ୍ତା ଦେଇ ପ୍ରତିଦିନ ଅନେକ ସ୍କୁଲପିଲା, ଯାନବାହନ ଯିବାଆସିବା କରୁଛନ୍ତି। ବିପଦ ସଂକୁଳ ଅବସ୍ଥାରେ ଥିବା ପୋଲରେ ଗାର୍ଡ ନିର୍ମାଣ ସହ ରାସ୍ତା ମରାମତି କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

■ ଲଗାଣ ବର୍ଷା: ବଢୁଛି ମହାନଦୀ ଜଳସ୍ତର

## ବନ୍ୟା ଆଶଙ୍କାରେ ନଦୀକୂଳିଆ ଗ୍ରାମବାସୀ

ଗଣିଆ, ୭।୯ (ଡି.ଏନ.ଏ.)

ଗତ ୩ଦିନ ଧରି ଲଘୁଚାପଜନିତ ଲଗାଣ ବର୍ଷା ଯୋଗୁ ମହାନଦୀର ଜଳସ୍ତର ବୃଦ୍ଧି ପାଇବାରେ ଲାଗିଛି । ହୀରାକୁଦ ନଦୀବନ୍ଧରୁ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ତଳିଆ ଅଞ୍ଚଳରେ ବର୍ଷା ଲାଗିରହିଥିବାରୁ ଜଳସ୍ତର ଧୀରେ ଧୀରେ ବଢିବାରେ ଲାଗିଛି। ହୀରାକୁଦ ନଦୀବନ୍ଧ ବୁର୍ଲା ଡିଭିଜନର ଗଣିଆ ବ୍ଲକ ବଡମୂଳଠାରେ ଥିବା ଗେଜ୍ ସାଇଟ୍‌ରୁ ମିଳିଥିବା ସୂଚନା ଅନୁଯାୟୀ, ଶନିବାର ମଧ୍ୟାହ୍ନ ୧୨ଟା ସମୟରେ ମହାନଦୀରେ ୩୧ଫୁଟ୩ଇଞ୍ଚ ଜଳ ପ୍ରବାହିତ ହେଉଥିଲା। ଏହାର ୩ଘଣ୍ଟା ପରେ ଅପରାହ୍ନ ୩ଟା ସମୟରେ ଏହା ୩୨ଫୁଟ ୬ଇଞ୍ଚକୁ ବୃଦ୍ଧି ପାଇଥିଲା। ଏଠାରେ ବିପଦସଙ୍କେତ ୩୫ଫୁଟ ରହିଥିବା ଜଣାପଡିଛି। ତଳିଆ ଅଞ୍ଚଳରେ ବର୍ଷା ଜାରି ରହିଲେ ଗଣିଆ ବ୍ଲକରେ ବନ୍ୟା ପରିସ୍ଥିତି ସୃଷ୍ଟି ହେବା ଆଶଙ୍କା ରହିଛି । ଏହା ଦ୍ୱାରା ଛାମୁଣ୍ଡିଆ, ରାସଙ୍ଗ, ବେଲପଡା ଓ କିସୋରପ୍ରସାଦ ପଞ୍ଚାୟତର ବହୁ ଗ୍ରାମରେ ବନ୍ୟା ପରିସ୍ଥିତି ଦେଖାଦେବା ଆଶଙ୍କା ରହିଛି ବୋଲି ନଦୀକୂଳିଆ ଗ୍ରାମବାସୀ ଆଲୋଚନା କରୁଛନ୍ତି। ଶନିବାର ଅପରାହ୍ନରେ ଗଣିଆ ବ୍ଲକର ରାସଙ୍ଗ, ଛାମୁଣ୍ଡିଆ ପତୁରିଆ ଆଦି ଗ୍ରାମର ଗହୀର ବିଲରେ ବନ୍ୟାଜଳ ପ୍ରବେଶ କରୁଥିବା ଦେଖିବାକୁ ମିଳିଛି । ବନ୍ୟା ହେଲେ ଗଣିଆ-ବଡମୂଳ ରାସ୍ତାର ରାସଙ୍ଗଠାରୁ କେନ୍ଦୁପଲ୍ଲୀ, ମଣିଭଦ୍ରାଠାରୁ ବୃତଙ୍ଗ, ମାଳିସାହି ଠାରୁ ଛାମୁଣ୍ଡିଆ ଓ ଛାମୁଣ୍ଡିଆଠାରୁ ବଡମୂଳ ପର୍ଯ୍ୟନ୍ତ ରାସ୍ତା ଉପରେ ପାଣି ପ୍ରବାହିତ ହୋଇଥାଏ । ଫଳରେ ଏହି ରାସ୍ତା ଦେଇ ଯାତାୟାତ ବାଧାପ୍ରାପ୍ତ ହୋଇଥାଏ । ତେବେ ସମ୍ଭାବ୍ୟ ବନ୍ୟା ମୁକାବିଲା ପାଇଁ ବ୍ଲକ ପ୍ରଶାସନ ସଜାଗ ଥିବା ଜଣାପଡିଛି । ଅପରପକ୍ଷେ ବନ୍ୟାହେଲେ ବ୍ଲକର ବଡମୂଳ, ଛାମୁଣ୍ଡିଆ ଅଞ୍ଚଳ ଜଳବନ୍ଦୀ ହୋଇ ରହୁଥିବା ବେଳେ ଏଠାରେ କୌଣସି ଓଡ୍ରାଫ ଟିମ୍‌କୁ ନିୟୋଜିତ କରାଯାଉନାହିଁ । ହେଲେ ଗଣିଆଠାରେ ୨ଟି ଓଡ୍ରାଫ୍ ଟିମ୍ ରହୁଥିବା ଦେଖିବାକୁ ମିଳିଛି । ଏଥିପ୍ରତି ବ୍ଲକ ପ୍ରଶାସନ ଦୃଷ୍ଟି ଦେବାକୁ ସ୍ଥାନୀୟ ଅଞ୍ଚଳବାସୀଙ୍କ ତରଫରୁ ଦାବି ହେଉଛି।


ଛାମୁଣ୍ଡିଆ ଗହୀର ବିଲରେ ବନ୍ୟାଜଳ।

## ଏମ୍‌ଆର୍‌ଙ୍କ କବ୍‌ଜାରୁ ମୁକୁଳିପାରୁନି ଡିଏଚ୍‌ଏଚ୍

ନୟାଗଡ଼ ଅଫିସ, ୭।୯

ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍) ପରିସର ଏମ୍‌ଆର (ମେଡ଼ିସିନ ରିପ୍ରେଜେଣ୍ଟେଟିଭ)ଙ୍କ କବ୍‌ଜାରୁ ମୁକୁଳି ପାରୁନାହିଁ। ମେଡ଼ିକାଲ ପରିସରକୁ କୌଣସି ଏମ୍‌ଆର ଆସିପାରିବେ ନାହିଁ ବୋଲି ନୋଟିସ୍ ଲଗାଯାଇଛି। ହେଲେ କେହି ଏହି ନିର୍ଦ୍ଦେଶକୁ ଖାତିର କରୁ ନ ଥିବା ଦେଖିବାକୁ ମିଳୁଛି। ଏମ୍‌ଆରମାନେ ଖୋଲାଖୋଲି ମେଡ଼ିକାଲ୍ ପରିସରରେ ପଶି ସେମାନଙ୍କର ବ୍ୟବସାୟର ପସରା ମେଲାଇ ଦେଉଛନ୍ତି।

ପ୍ରକାଶ ଯେ, ଗତ ୨୧ ତାରିଖରେ ମେଡ଼ିକାଲ୍ ପରିସରରେ କେତେକ ଏମ୍‌ଆର ଥିବାବେଳେ ଜଣେ ଖବରଦାତା ଏହାର ଭିଡ଼ିଓ ରେକର୍ଡ଼ିଂ କରିଥିଲେ। ଏହା ଦେଖି ଏମ୍‌ଆରମାନେ ଦୌଡ଼ି ପଳାଇଥିଲେ। କିଛି ଏମ୍‌ଆର ସେମାନଙ୍କ ବ୍ୟାଗ୍ ନେଇ ଯାଇଥିବା ବେଳେ ଆଉ କେତେକ ସେମାନଙ୍କର ବ୍ୟାଗ୍‌କୁ ଛାଡ଼ି ପଳାଇ ଯାଇଥିଲେ। ଏହି ଘଟଣାରେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଏମ୍‌ଆରମାନେ ମେଡ଼ିକାଲ୍‌ରେ ପ୍ରବେଶ କରିବେ ନାହିଁ ବୋଲି ପ୍ରକାଶ କରିଥିଲେ। ଯଦି ପଶିବେ ତାହାହେଲେ ସେମାନଙ୍କ ନାମରେ ଥାନାରେ ଅଭିଯୋଗ କରାଯିବ ବୋଲି କୁହାଯାଇଥିଲା।


ଜିଲା ମୁଖ୍ୟ ଚିକିତ୍ସାଳୟ ଆଗରେ ରହିଥିବା ଉକ୍ତ କାର୍‌ରେ ଏମ୍‌ଆରମାନେ ଆସିଥିଲେ।

■ ବାଇକ୍‌ରେ ନୁହେଁ ଆସୁଛନ୍ତି କାର୍‌ରେ

■ ଦିନ ବଦଳରେ ରାତିରେ ଆସୁଛନ୍ତି

ଏହି ଘଟଣା ପରେ ଏମ୍‌ଆରମାନଙ୍କ ମନରେ କୋକୁଆ ଭୟ ସୃଷ୍ଟି ହୋଇ ଯାଇଥିଲା। ଫଳରେ କିଛି ଦିନ ହେଲାଣି ମେଡ଼ିକାଲରେ ଏମ୍‌ଆରମାନଙ୍କ ଦେଖା ମିଳୁ ନ ଥିଲା। ହେଲେ ଏମ୍‌ଆରମାନେ ଏବେ ସେମାନଙ୍କ ତରିକା ବଦଳାଇ ଦେଇଛନ୍ତି। ସେମାନେ ଦିନ ପରିବର୍ତ୍ତେ ରାତିରେ ଆସୁଛନ୍ତି। ବାଇକ୍ ବଦଳରେ କାର୍‌ରେ ଆସୁଥିବା ଜଣାଯାଇଛି। ଶୁକ୍ରବାର ସନ୍ଧ୍ୟା ୮ଟାରେ ଦୁଇ ଜଣ ଏମ୍‌ଆର କାରରେ ଆସି ଗାଡିକୁ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ପାର୍କିଂ କରି ବ୍ୟାଗ୍ ଧରି ଭିତରକୁ ପ୍ରବେଶ କରିଥିଲେ। ପରେ ଡାକ୍ତରଙ୍କ ଚାମ୍ବରକୁ ଯାଇ ସେମାନଙ୍କ କମ୍ପାନୀର ଉତ୍ପାଦ ଦେଖାଇଥିଲେ। ଡାକ୍ତରମାନେ ସେମାନଙ୍କ ଠାରୁ କିଛି ଉପହାର ପାଉଥିବାରୁ ସେମାନଙ୍କ ଔଷଧ ଉତ୍ପାଦ ଦେଖିବା ସହିତ ଉକ୍ତ ଔଷଧ ରୋଗୀଙ୍କ ପାଇଁ ସାଦା କାଗଜରେ ଲେଖି କିଣି ନେବା ପାଇଁ କହୁଛନ୍ତି। ଯାହା ନିୟମ ବିରୋଧୀ। ସେହିଭଳି ଦିନରେ କେତେକ ଏମ୍‌ଆର ବ୍ୟାଗ୍ ନ ଆଣି ଡାକ୍ତରଙ୍କ ପାଖେ ପାଖେ ରହୁଛନ୍ତି। ସୁଯୋଗ ମିଳିଲେ ପକେଟରେ ଆଣିଥିବା ସେମାନଙ୍କର ଉତ୍ପାଦ ଦେଖାଉଛନ୍ତି। ତେଣୁ ଏମ୍‌ଆରଙ୍କ କବଜାରୁ ମୁକୁଳି ପାରୁନାହିଁ ଜିଲା ମୁଖ୍ୟ ଚିକିତ୍ସାଳୟ। ଏ ନେଇ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ଶ୍ୱେତ ମହାପାତ୍ରଙ୍କୁ ପଚାରିବାରୁ ସେ କୁହନ୍ତି ରାତିରେ ଏମ୍‌ଆରମାନେ ଆସୁଥିଲେ ସେମାନଙ୍କୁ ଭିତରକୁ ପ୍ରବେଶ କରାଇ ଦିଆଯିବ ନାହିଁ ବୋଲି ସିକ୍ୟୁରିଟିମାନଙ୍କୁ କୁହାଯିବ। ଯଦି ସେମାନେ ଏହାକୁ ଅମାନ୍ୟ କରି ଭିତରକୁ ପଶନ୍ତି ତାହା ହେଲେ ସେମାନଙ୍କ ନାମରେ ଥାନାରେ ଅଭିଯୋଗ କରାଯିବ ବୋଲି ଡା. ମହାପାତ୍ର କହିଥିଲେ।

